Bhubaneswar- 24 July 2026
ଭୁବନେଶ୍ୱର- ୨୪ ଜୁଲାଇ ୨୦୨୬
Vol- 1 Issue - 87
ଭାଗ- ୧ ସଂଖ୍ୟା- ୮୭
www.pratishabda.com
Email : pratishabda7@gmail.com
Also Available In : YouTube

ପ୍ରତିଶବ୍ଦ
THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

ନୀତି ଆୟୋଗ ଇଣ୍ଡେକ୍ସ : ଟପ୍ ୫ରେ ଓଡ଼ିଶା

- ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ଶିଳ୍ପପତି ଓ ଶିଳ୍ପ ସଂଘ
- ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟ ଶ୍ରେଷ୍ଠ ୫ ମଧ୍ୟରେ ରହିବା ଆମର ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ନୀତି ଆୟୋଗ ଦ୍ୱାରା ପ୍ରକାଶିତ ଇନଭେଷ୍ଟମେଣ୍ଟ ଫ୍ରେଣ୍ଡ୍ଲିନେସ୍ ଇଣ୍ଡେକ୍ସ-୨୦୨୬ରେ ଓଡିଶା ଦେଶର ଶୀର୍ଷ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି। ଏଥିସହ ପୂର୍ବ ଓ ଉତ୍ତର ଭାରତରୁ ଓଡିଶା ଏକମାତ୍ର ରାଜ୍ୟ ଭାବେ ସ୍ଥାନିତ ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ

ମାଝୀଙ୍କୁ ଲୋକସେବା ଭବନଠାରେ ରାଜ୍ୟର ବିଭିନ୍ନ ଶିଳ୍ପପତି, ଶିଳ୍ପ ପ୍ରତିନିଧି ଓ ଶିଳ୍ପ ସଂଘର କର୍ମକର୍ତ୍ତାମାନେ ଭେଟି ସମ୍ବର୍ଦ୍ଧିତ କରିଛନ୍ତି। ନୀତି ଆୟୋଗ ଇନଭେଷ୍ଟମେଣ୍ଟ ଫ୍ରେଣ୍ଡ୍ଲିନେସ୍ ଇଣ୍ଡେକ୍ସ-୨୦୨୬ରେ ଗୁଜୁରାଟ ୫୬.୬ ପଏଣ୍ଟ ପାଇ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ ଓଡିଶା ୫୨.୪ ପଏଣ୍ଟ ସହିତ ପଞ୍ଚମ ସ୍ଥାନ ଅଧିକାର କରିଛି। ଦ୍ୱିତୀୟ ସ୍ଥାନରେ ମହାରାଷ୍ଟ୍ର, ତୃତୀୟରେ ତାମିଲନାଡୁ ଏବଂ ଚତୁର୍ଥରେ ଗୋଆ ରହିଛି। ବୃହତ ରାଜ୍ୟମାନଙ୍କ ମଧ୍ୟରେ ଦେଖିବାକୁ ଗଲେ ଓଡିଶାର ସ୍ଥାନ ଚତୁର୍ଥରେ ରହିଛି। ଶ୍ରେଷ୍ଠ ୫ଟିରେ ପଶ୍ଚିମ ଭାରତର ଗୁଜୁରାଟ, ଗୋଆ ଓ ମହାରାଷ୍ଟ୍ର ସ୍ଥାନ ପାଇଥିବା ବେଳେ ଦକ୍ଷିଣ ଭାରତରୁ ତାମିଲନାଡୁ ସ୍ଥାନ ପାଇଛି। ଦେଶର ଉତ୍ତର ଓ ପୂର୍ବ ରାଜ୍ୟ ମାନଙ୍କ ମଧ୍ୟରୁ କେବଳ ଓଡିଶା ହିଁ ଟପ୍ ପର୍ଫର୍ମର ଭାବେ ସ୍ଥାନିତ ହୋଇଛି। ଏହି ଅବସରରେ ଶିଳ୍ପଦ୍ୟୋଗୀମାନଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୀତି ଆୟୋଗର ଏହି ମାନ୍ୟତା ଆମ ପାଇଁ ଖୁବ୍ ଉତ୍ସାହଜନକ। ଏହାଦ୍ୱାରା ଟିମ୍ ଓଡିଶା ଓ ଉଦ୍ୟୋଗୀମାନଙ୍କର ମନୋବଳ ବୃଦ୍ଧି ପାଇଛି। କେବଳ ଶିଳ୍ପ କ୍ଷେତ୍ରରେ ନୁହେଁ, ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ମଧ୍ୟ ଓଡିଶାକୁ ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ସ୍ଥାନିତ କରିବା ଆମର ଲକ୍ଷ୍ୟ। ସେ କହିଥିଲେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ଆପଣମାନଙ୍କ ସହଯୋଗରେ ରାଜ୍ୟରେ ଯେଉଁ ଗତିରେ ଶିଳ୍ପ ବିକାଶ ହେଉଛି, ତାହା ପୂର୍ବରୁ କେବେ ହୋଇନଥିଲା।୫ ବର୍ଷରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଆମେ କଥା ଦେଇଥିଲୁ। ମାତ୍ର ୨ ବର୍ଷରେ ୩ ଲକ୍ଷ କୋଟି ଟଙ୍କା ଟପି ଗଲାଣି। ୨ ବର୍ଷ ମଧ୍ୟରେ ଆମେ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆକର୍ଷଣ କରିପାରିଛୁ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଶିଳ୍ପ ସ୍ଥାପନ ପାଇଁ ୪୫୩ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହାଦ୍ୱାରା ୯.୫୦ ଲକ୍ଷ କୋଟି ଟଙ୍କା ନିବେଶ ଆସିବ। ଗତ ଦୁଇ ବର୍ଷରେ ଆମେ ୩.୧୧ ଲକ୍ଷ କୋଟି ଟଙ୍କାର ୧୫୨ଟି ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛୁ। ଏହା ଦ୍ୱାରା ୨.୫୦ ଲକ୍ଷ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।

ପେପର ଲିକ୍ ମାମଲାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବଡ଼ ନିଷ୍ପତ୍ତି

ଫାଷ୍ଟ ଟ୍ରାକ୍ କୋର୍ଟରେ ହେବ ଶୁଣାଣି

- ଆମ ପାଇଁ ଯୁବପିଢ଼ିଙ୍କ ସ୍ୱାର୍ଥଠାରୁ ବଡ଼ ଆଉ କିଛି ନୁହେଁ
- ଦୋଷୀଙ୍କୁ ମିଳିବ କଠୋର ଦଣ୍ଡ
- ଲଗାତାର ୪ ଦିନ ଧରି ଗୃହ ଅଚଳ
- ସଂସଦ ବାହାରେ ଏନ୍‌ଡିଏ-ଇଣ୍ଡିମେଣ୍ଟ ସାଂସଦ ମୁହାଁମୁହିଁ

ନୂଆଦିଲ୍ଲୀ: ଦିଲ୍ଲୀର ଜନ୍ତର-ମନ୍ତରରେ ଜାରି ରହିଥିବା ବ୍ୟାପକ ଛାତ୍ର ଆନ୍ଦୋଳନ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ପେପର ଲିକ୍ ମାମଲାର ଦ୍ରୁତ ଶୁଣାଣି ଓ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ସେ ଫାଷ୍ଟ ଟ୍ରାକ୍ ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଣିକି ଏହି ସମ୍ବେଦନଶୀଳ ମାମଲାର ଶୁଣାଣି ଏହି ବିଶେଷ କୋର୍ଟରେ ହିଁ କରାଯିବ । ପ୍ରଧାନମନ୍ତ୍ରୀ ନିଜେ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ' ରେ ପୋଷ୍ଟ କରି ଏହି ସୂଚନା ଦେଇଛନ୍ତି । ପ୍ରଧାନମନ୍ତ୍ରୀ 'ଏକ୍ସ'ରେ ଲେଖିଛନ୍ତି ଯେ, 'ଦେଶର ଯୁବବର୍ଗଙ୍କ ହିତ ଏବଂ ସେମାନଙ୍କ ସୁରକ୍ଷିତ ଭବିଷ୍ୟତ ଆମର ସର୍ବୋଚ୍ଚ ପ୍ରାଥମିକତା । ପେପର ଲିକ୍‌ର ସମସ୍ତ ମାମଲାରେ ଦୋଷୀଙ୍କୁ କଠୋରରୁ କଠୋରତମ ଦଣ୍ଡ ମିଳିବ । ମାମଲାର ତୁରନ୍ତ ନିଷ୍କାସନ ପାଇଁ ଫାଷ୍ଟ ଟ୍ରାକ୍ କୋର୍ଟ ଗଠନ କରାଯିବ । ସେ ଆହୁରି ମଧ୍ୟ କହିଛନ୍ତି ଯେ,ଏହି ସମ୍ବନ୍ଧରେ ସମ୍ପୃକ୍ତ ବିଭାଗକୁ ଆବଶ୍ୟକୀୟ ନିର୍ଦ୍ଦେଶ ଜାରି କରାଯାଇସାରିଛି । 'ଆମ ପାଇଁ ଯୁବପିଢ଼ିଙ୍କ ସ୍ୱାର୍ଥଠାରୁ ବଡ଼ ଆଉ କିଛି ନୁହେଁ । ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସୁରକ୍ଷିତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଭବିଷ୍ୟତ ସହ ଖେଳୁଥିବା କୌଣସି ବି ଦୋଷୀଙ୍କୁ ଛଡ଼ାଯିବ ନାହିଁ ।'ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୨୧ ତାରିଖରେ ଅନୁଷ୍ଠିତ ଏନ୍‌ଡିଏ ସଂସଦୀୟ ଦଳ ବୈଠକ 'ମଙ୍ଗଳ ମିଳନ'ରେ ପ୍ରଧାନମନ୍ତ୍ରୀ ନୀଟ୍ ପେପର ଲିକ୍ ମାମଲାର ଉଲ୍ଲେଖ କରିଥିଲେ । ବୈଠକ ପରେ

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ ଗଣମାଧ୍ୟମକୁ ଜଣାଇଥିଲେ ଯେ, ପେପର ଲିକ୍‌କୁ ପ୍ରଧାନମନ୍ତ୍ରୀ ଏକ 'ଘୋର ପାପ' ବୋଲି ଅଭିହିତ କରିଛନ୍ତି । ରିଜିଜୁଙ୍କ ସୂଚନା ଅନୁସାରେ, ମାମଲା ସାମ୍ନାକୁ ଆସିବା ମାତ୍ରେ ହିଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ୧୩ ଜଣଙ୍କୁ ଗିରଫ କରାଯାଇଥିଲା । ପରୀକ୍ଷା ରଦ୍ଦ ହେବା ପରେ ପୁନର୍ବାର ପରୀକ୍ଷା ମଧ୍ୟ ପରିଚାଳିତ ହୋଇଛି । ଆଗାମୀ ଦିନରେ ଯେପରି କୌଣସି ପେପର ଲିକ୍ ନହୁଏ, ସେଥିପାଇଁ କଡ଼ା ନଜର ରଖିବାକୁ ପିଏମ୍ ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପଟେ, ପେପର ଲିକ୍ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ସରକାରଙ୍କୁ ଘେରିବା ଜାରି ରଖିଛନ୍ତି । ଦିଲ୍ଲୀର ଜନ୍ତର-ମନ୍ତରଠାରେ ଗତ ମାସଟେ ରି ବିଭିନ୍ନ ଛାତ୍ର ସଂଗଠନ ଓ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ପ୍ରତିବାଦ ପ୍ରଦର୍ଶନ କରାଯାଉଛି । ସଂସଦର ମୌସୁମୀ ଅଧିବେଶନରେ ମଧ୍ୟ ଏହି ପ୍ରସଙ୍ଗକୁ ନେଇ କମ୍ପନ ସୃଷ୍ଟି ହୋଇଛି । ବିରୋଧୀ ଦଳଗୁଡ଼ିକ ଏହି ବିଷୟରେ ସ୍ୱତନ୍ତ୍ର ଆଲୋଚନା ସହ ବିଭିନ୍ନ ପ୍ରସଙ୍ଗ ନେଇ ଗୃହରେ ହଙ୍ଗାମା ଜାରି ରଖିଛନ୍ତି। ଅନ୍ୟପଟେ ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ନେଇ ଜାରି ରହିଥିବା ଆନ୍ଦୋଳନ ଏବେ ସାରା ଦେଶକୁ ବ୍ୟାପିଥିବା ବେଳେ ଉକ୍ତ ପ୍ରସଙ୍ଗରେ ସଂସଦ କାର୍ଯ୍ୟ ଠପ୍ ହୋଇଯାଇଛି। ସଂସଦରେ ମୌସୁମୀ ଅଧିବେଶନର ଆଜି ଚତୁର୍ଥ ଦିନ ଥିଲା। କିନ୍ତୁ ଉଭୟ ସଦନରେ ଓ ବାହାରେ ବିରୋଧୀ ସାଂସଦଙ୍କ ଲଗାତାର ହୋହଲ୍ଲା ଓ ହଟ୍ଟଗୋଳ ଯୋଗୁ ଗୃହକାର୍ଯ୍ୟ ହୋଇପାରିନି। ବିରୋଧୀ ନେତାମାନେ ଗୃହରେ କୌଣସି ଆଲୋଚନା ପୂର୍ବରୁ ପ୍ରଥମେ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଥିଲେ। କିନ୍ତୁ ସରକାର କହିଥିଲେ ବିନା କୌଣସି ପୂର୍ବ ସର୍ତ୍ତରେ ସରକାର ତୁରନ୍ତ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। ଲୋକସଭାରେ ଆଜି ବିରୋଧୀ ସାଂସଦମାନେ ଲଗାତାର ଗୃହର ମଧ୍ୟଭାଗକୁ ଯାଇ ସ୍ଲୋଗାନ୍ ଦେଇ ହୋହଲ୍ଲା କରିଥିଲେ। ବାଚସ୍ପତି ଓମ୍ ବିର୍ଲା ସେମାନଙ୍କୁ ପ୍ରଶ୍ନକାଳ ଜାରି ରଖିବା ପାଇଁ ଅନୁରୋଧ କରିଥିଲେ। ବାଚସ୍ପତି କହିଥିଲେ, ପ୍ରଶ୍ନକାଳ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ପ୍ରଶ୍ନକାଳ ପରେ ସରକାର ଯେକୌଣସି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ପ୍ରସ୍ତୁତ। ମୁଁ ସରକାରଙ୍କ ସହ କଥା ହେବି ଏବଂ ସରକାର ମଧ୍ୟ ଆଲୋଚନା ପାଇଁ ପ୍ରସ୍ତୁତ ବୋଲି ବାଚସ୍ପତି କହିଥିଲେ। ସମସ୍ତ ସଦସ୍ୟ ପ୍ରଶ୍ନକାଳ ପରେ ଆଲୋଚନାରେ ଭାଗ ନେବା ପାଇଁ ବାଚସ୍ପତି ଅନୁରୋଧ କରିଥିଲେ। କିନ୍ତୁ ତାଙ୍କ କଥାକୁ କେହି କର୍ଣ୍ଣପାତ କରିନଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି, ସରକାର ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି ଏବଂ ଏପରିକି ବିରୋଧୀମାନେ ଆଲୋଚନାର ସମୟ ଓ ଅବଧି ସ୍ଥିର କରିବାପାଇଁ ସରକାର ଚାହାନ୍ତି। କିନ୍ତୁ ବିରୋଧୀ ଦଳ ନେତାମାନେ ଆଲୋଚନାରେ ଭାଗ ନ ନେଇ ପ୍ରଥମେ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫାରେ ଅଡ଼ି ବସିଛନ୍ତି। ରାଜ୍ୟସଭାରେ ମଧ୍ୟ ଆଜି ସମାନ ସ୍ଥିତି ଉପୁଜିଛି। ଉଭୟ ଗୃହରେ କୌଣସି କାର୍ଯ୍ୟ ହୋଇପାରିନି। ଅନ୍ୟପକ୍ଷେ ଆଜି ସଂସଦ ବାହାରେ ଶାସକ ଏନ୍‌ଡିଏ ଓ ବିରୋଧୀ ଇଣ୍ଡି ମେଣ୍ଟ ସାଂସଦମାନେ ମୁହାଁମୁହିଁ ହୋଇଛନ୍ତି। ମକର ଦ୍ୱାର ନିକଟରେ ଉଭୟ ଏନ୍‌ଡିଏ ଓ ଇଣ୍ଡି ମେଣ୍ଟ ସାଂସଦମାନେ ପରସ୍ପର ବିରୋଧରେ ସ୍ଲୋଗାନ୍ ଦେଇ ଆନ୍ଦୋଳନ କରିଛନ୍ତି। ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ, ମଲ୍ଲିକାର୍ଜୁନ ଖଡ଼ଗେ ଓ ଅଖିଳେଶ ଯାଦବଙ୍କ ସମେତ ବିରୋଧୀ ସାଂସଦମାନେ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଥିଲେ। ସେମାନେ 'ଇସ୍ତଫା ଦିଅ' ଓ 'ଗାଦି ଛାଡ଼' ଆଦି ସ୍ଲୋଗାନ୍‌ଦେଇଥିଲେ।

ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ : ୫ ମୃତ

ଓଡ଼ାପଡ଼ା : ବରଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଦ୍ରୁତଗତିରେ ଯାଉଥିବା ବେଳେ ଏହା ଏକ ବନ୍ଧ ଭିତରେ ଗଳି ପଡିଛି। ଏହି ଦୁର୍ଘଟଣାରେ ୫ ଜଣ ବରଯାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ରାମ ସାହୁ (୨୫), ଅବିନାଶ ସାହୁ (୨୬), ରାକେଶ କୁମାର ସାହୁ (୨୫), ଚନ୍ଦ୍ରକାନ୍ତ ସ୍ୱାଇଁ (୨୭) ଏବଂ ବରର ଜଣେ ମାଉସୀ ପୁଅ ଭାଇ। ଖବର ନେବାରେ ଜଣାଗଲା ଯେ ବାଙ୍ଗୁରସିଂହ ଗ୍ରାମର ସନ୍ତୋଷ କୁମାର ସାହୁଙ୍କର ପୁତ୍ର ଅଭିଷେକ ସାହୁ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଇନ୍ଦୁପୁର ଗ୍ରାମର ରୋହିତ କୁମାର ପୃଷ୍ଟିଙ୍କ କନ୍ୟା ସହିତ ବିବାହ ସ୍ଥିର

ହୋଇଥିଲା। ବିବାହ ପାଇଁ ବାଙ୍ଗୁରସିଂହ ଗ୍ରାମରୁ ବରଯାତ୍ରୀ ଦଳ ବିଭିନ୍ନ ଗାଡ଼ିରେ ଯାଇଥିଲେ। ଏଥିରେ ଗୋଟିଏ ଏକ୍ସୟୁ ମହିନ୍ଦ୍ରା କାର ଥିଲା। ଏହି କାରଟି ଚାଇଁପୁରକୁ ଆସି ଅନ୍ୟ ଦୁଇ ଜଣ ବରଯାତ୍ରୀଙ୍କୁ ନେଇ ଇନ୍ଦିପୁର ଯାଉଥିଲା। ତେବେ ଅନ୍ଧାର ରାତିରେ କାରଟି ଭାରସାମ୍ୟ ହରାଇ ଏକ ପୋଖରୀ ଭିତରକୁ ପଶି ଯାଇଥିଲା। ଫଳରେ ସେଥିରେ ଥିବା ୫ ଜଣ ବରଯାତ୍ରୀ ପାଣି ଭିତରେ ଶ୍ୱାସ ରୁଦ୍ଧ ହୋଇ ମୃତ୍ୟୁବରଣ କରିଥିବା ଜଣାପଡିଛି। ପୁଲିସ କହିଛି, ମୃତକମାନେ ବାଙ୍ଗୁରସିଂହ ଗ୍ରାମର ରାମ ସାହୁ, ଅବିନାଶ ସାହୁ, ରାକେଶ କୁମାର ସାହୁ, ଚନ୍ଦ୍ରକାନ୍ତ ସ୍ୱାଇଁ ଏବଂ ଅନ୍ୟ ଜଣେ। ଦୁର୍ଘଟଣାଗ୍ରସ୍ତ କାରକୁ ଗ୍ରାମବାସୀମାନେ ପାଣିରୁ ଉଦ୍ଧାର କରିଥିଲେ। ପୁଲିସ ମୃତଦେହ ଉଦ୍ଧାର କରି ପୋଷ୍ଟମର୍ଟମ ନିମନ୍ତେ ଢେଙ୍କାନାଳ ଡାକ୍ତରଖାନାକୁ ପଠାଇ ତଦନ୍ତ କରୁଥିବା ଜଣାପଡିଛି। ଏହି ଦୁଃଖଦ ଖବର ବାଙ୍ଗୁରସିଂହ ଗ୍ରାମ ସହିତ ଇନ୍ଦିପୁର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

କ୍ଷେପଣାସ୍ତ୍ର 'କୁଶା'ର ସଫଳ ଉଡ଼ାଣ ପରୀକ୍ଷଣ

ଭୁବନେଶ୍ୱର : ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ୨୩ ଜୁଲାଇ ୨୦୨୬ରେ ଓଡ଼ିଶା ଉପକୂଳ ଏପିଜେ ଅବଦୁଲ କଲାମ୍ ଦ୍ୱୀପରୁ ଲମ୍ବା ଦୂରଗାମୀ କ୍ଷେପଣାସ୍ତ୍ର 'କୁଶା'ର ପ୍ରଥମ ସଫଳ ଉଡ଼ାଣ ପରୀକ୍ଷଣ କରିଛି। ଏହି ପ୍ରଥମ ପରୀକ୍ଷଣ ଏକ ଉଚ୍ଚ-ଗତି, ଉଚ୍ଚ-ଉଚ୍ଚତା ବିଶିଷ୍ଟ ଆକାଶମାର୍ଗ ବିପଦକୁ ଅନୁକରଣ କରୁଥିବା ଏକ ଇଲେକ୍ଟ୍ରୋନିକ୍ ଲକ୍ଷ୍ୟ ବିରୁଦ୍ଧରେ କରାଯାଇଥିଲା। କ୍ଷେପଣାସ୍ତ୍ର ପ୍ରଣାଳୀ

ଦ୍ୱାରା ଲକ୍ଷ୍ୟକୁ ସଫଳତାର ସହ ଇଣ୍ଟରସେପ୍ଟ (ନଷ୍ଟ) କରି ଦିଆଯାଇଥିଲା। କୁଶା' କ୍ଷେପଣାସ୍ତ୍ର ପ୍ରଣାଳୀ ଲଢୁଆ ବିମାନ, କ୍ଷେପଣାସ୍ତ୍ର, ମାନବିହୀନ ବିମାନ (ୟୁଏଭି) ଏବଂ ବଡ଼ ଶତ୍ରୁ ବିମାନ ସମେତ ଭିନ୍ନ ଭିନ୍ନ ପରିସର ଓ ଉଚ୍ଚତାରେ ଆକାଶ ମାର୍ଗରୁ ଆସୁଥିବା ବିଭିନ୍ନ ପ୍ରକାରର ବିପଦକୁ ନଷ୍ଟ କରିବାରେ ସକ୍ଷମ। କ୍ଷେପଣାସ୍ତ୍ର, ରାଡାର ଏବଂ କମାଣ୍ଡ ଓ ନିୟନ୍ତ୍ରଣ କେନ୍ଦ୍ର ସମେତ ଅସ୍ତ୍ରଶସ୍ତ୍ର ପ୍ରଣାଳୀର ସମସ୍ତ ପ୍ରମୁଖ ଉପାଦାନଗୁଡ଼ିକୁ ବିଭିନ୍ନ ଡିଆରଡିଓ ପରୀକ୍ଷାଗାର ଏବଂ ଶିଳ୍ପ ଅଂଶୀଦାରମାନଙ୍କ ଦ୍ୱାରା ବିକଶିତ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ କହିଛନ୍ତି ଯେ 'କୁଶା'ର ସଫଳ ଉଡ଼ାଣ ପରୀକ୍ଷଣ ଭାରତୀୟ ପ୍ରତିରକ୍ଷା ଗବେଷଣା ଓ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହା ଦୀର୍ଘ ଦୂରଗାମୀ ଭୂପୃଷ୍ଠରୁ ଆକାଶ ମାର୍ଗକୁ ନିକ୍ଷେପ କରାଯାଇପାରୁଥିବା କ୍ଷେପଣାସ୍ତ୍ର ପ୍ରଣାଳୀ ବିକଶିତ କରିବାର କ୍ଷମତାକୁ ପ୍ରଦର୍ଶନ କରେ। ଏହି କ୍ଷମତା କେବଳ ହାତ ଗଣତି କିଛି ଦେଶ ପାଖରେ ଅଛି।

ମହାନଦୀ ଜଳ ବିବାଦ ମାମଲା

କେନ୍ଦ୍ର ସରକାର-କେନ୍ଦ୍ର ଜଳ କମିଶନଙ୍କୁ ମଧ୍ୟସ୍ଥତା ନିର୍ଦ୍ଦେଶ ଦେଲେ ଟ୍ରିବ୍ୟୁନାଲ

ଭୁବନେଶ୍ୱର : ଟ୍ରିବୁନାଲରେ ମହାନଦୀ ଜଳବିବାଦର ଗୁରୁବାର ଶୁଣାଣି ହୋଇଛି। ମହାନଦୀ ଜଳ ଆବଣ୍ଟନର ସମାଧାନ ପାଇଁ କେନ୍ଦ୍ର ଜଳ କମିଶନ ଏବଂ କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ବିଭାଗକୁ ମଧ୍ୟସ୍ଥତା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଏକ ଯୁଗ୍ମ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଟ୍ରିବ୍ୟୁନାଲ। ଏହି କମିଟିରେ ଛତିଶଗଡ ଏବଂ ଓଡ଼ିଶାର ବୈଷୟିକ ଟିମ୍ ସଦସ୍ୟ ରହିବେ। ଉଭୟ ରାଜ୍ୟକୁ ଏନେଇ ଡ୍ରାଫ୍ଟ ତିଆରି କରି ଟ୍ରିବ୍ୟୁନାଲରେ ଦାଖଲ କରିବାକୁ କହିଥିବା ଏଜି ପିତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ଗତ ୨୦୨୫ ଜୁଲାଇ ୨୫ ରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶା ସରକାର ଦେଇଥିବା ଚିଠିର ଉତ୍ତର ୨୦୨୬ ଜୁଲାଇ ୨୨ ରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଦେଇଛନ୍ତି। ସେ ଚିଠିର ନକଲ ଟ୍ରିବ୍ୟୁନାଲ ଆଗରେ ଉପସ୍ଥାପନ କରାଯାଇଛି। ବିବାଦର ସମାଧାନ ପାଇଁ ୨୦ ରୁ ଅଧିକ ବୈଠକ ମାଧ୍ୟମରେ ଉଭୟ ପକ୍ଷ ଅନେକ ବିଷୟରେ ସମାଧାନ ପାଇଁ ବିଭିନ୍ନ ପ୍ରସଙ୍ଗ ରେ ସହମତି ପ୍ରକାଶ ପାଇଛି। ମହାନଦୀ ଜଳ ବିବାଦ ର ଉଭୟ ରାଜ୍ୟ ର ମଧ୍ୟରେ ହୋଇଥିବା ବୈଠକ ଏବଂ ପ୍ରୟାସ କୁ ପ୍ରଶଂସା କରିଛନ୍ତି ଟ୍ରିବ୍ୟୁନାଲ।

ଓଡ଼ିଶାର ସରକାରୀ କର୍ମଚାରୀମାନଙ୍କ ପାଇଁ ୫ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ସରକାରୀ କର୍ମଚାରୀମାନଙ୍କ ପାଇଁ ୫ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି କରିଛନ୍ତି। ଏହାଦ୍ୱାରା ସରକାରୀ କର୍ମଚାରୀଙ୍କ ସମୁଦାୟ ମହଙ୍ଗା ଭତ୍ତା ୨୫୭ ପ୍ରତିଶତରୁ ୨୬୨ ପ୍ରତିଶତକୁ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ ଏହି ମହଙ୍ଗା ଭତ୍ତା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ୨୦୨୬ ଜାନୁଆରି ପହିଲା ଠାରୁ ଲାଗୁ ହେବ। ଏହା ଜୁଲାଇ ମାସର ଦରମା ସହିତ ମିଳିବ ବୋଲି ଜଣାଯାଇଛି।ଏହା ଫଳରେ ହଜାର ହଜାର ସରକାରୀ କର୍ମଚାରୀ ଓ ପେନସନ୍ ଭୋଗୀ ସିଧାସଳଖ ଭାବେ ଉପକୃତ ହେବେ । ଦ୍ରବ୍ୟ ମୂଲ୍ୟ ବୃଦ୍ଧି ଓ ଜୀବନଯାପନ ଖର୍ଚ୍ଚ ବଢୁଥିବା ସମୟରେ ସରକାରଙ୍କ ଏହି ଘୋଷଣା କର୍ମଚାରୀଙ୍କ ପାଇଁ ବଡ଼ ଆର୍ଥିକ ଆଶ୍ୱସ୍ତି ଆଣିଛି। ବଢ଼ିଥିବା ଭତ୍ତା ସହ ବକେୟା ରାଶି ମିଳିବାରୁ କର୍ମଚାରୀଙ୍କ ମଧ୍ୟରେ ଖୁସିର ମାହୋଲ ଦେଖାଦେଇଛି ।

ନବମୀ ଦର୍ଶନ କଲେ ଲକ୍ଷାଧିକ ଭକ୍ତ

ଆଜି ରତ୍ନବେଦୀକୁ ବାହୁଡିବେ ଚତୁର୍ଦ୍ଧାମୂର୍ତ୍ତି

ବାହୁଡ଼ା ଯାତ୍ରା ପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ

ପୁରୀ: ଗୁରୁବାର ଦିନ ନବମୀ ଦର୍ଶନ ବା ଆଡ଼ପ ଦର୍ଶନ କରିଛନ୍ତି ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ। ଆଜି ମହାପ୍ରଭୁଙ୍କର ମଙ୍ଗଳଆଳତି, ମଇଲମ, ତଡ଼ପଲାଗି, ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା ସହ ଅନ୍ୟାନ୍ୟ ନୀତି ସମାପନ ପରେ ସର୍ବ ସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା । ସକାଳ ମେଘୁଆ ପାଗ ଓ ଅପରାହ୍ନରେ ଶୁଖିଲା ପାଗ ଯୋଗୁ ଲକ୍ଷାଧିକ ଭକ୍ତମାନେ ବ୍ୟାରିକେଡ଼ ଦେଇ ଗୁଣ୍ଡିଚା ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ । ଏହି ଦର୍ଶନ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଚାଲିଥିଲା । ଶୃଙ୍ଖଳିତ ଦର୍ଶନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ସଂଧ୍ୟା ୬ଟାରେ ଦର୍ଶନ ବନ୍ଦ କରାଯାଇ ବାହୁଡ଼ା ଯାତ୍ରା ପାଇଁ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା । କିପରି ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ସମ୍ପନ୍ନ କରାଯିବ ସେନେଇ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଓ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଉପସ୍ଥିତ ରହି ତଦାରଖ କରିଥିଲେ । ଆଡ଼ପମଣ୍ଡପ ଦର୍ଶନ ସରିଆସୁଥିବା ବେଳେ ଶରଧାବାଲିରେ ପ୍ରବଳ ଭିଡ଼ ହେଉଥିବା ଦେଖିବାକୁ ମିଳିଥିଲା । ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁମାନେ ଆସି ଘଣ୍ଟା ଘଣ୍ଟା ଧରି ଧାଡିରେ ଛିଡା ହୋଇ ବ୍ୟାରିକେଡ ଦେଇ ସିଂହଦ୍ୱାରରେ ପ୍ରବେଶ କରିଥିଲେ। ଭକ୍ତମାନେ ଆଡପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ କରି ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। ଗୁଣ୍ଡିଚା ମନ୍ଦିର ଭିତରେ ଓ ବାହାରେ ଜୟ ଜଗନ୍ନାଥ, ହରିବୋଲ ହୁଳହୁଳିରେ ଧ୍ୱନିରେ ପ୍ରକମ୍ପିତ ହେଉଥିଲା । ନବମୀସନ୍ଧ୍ୟା ଦର୍ଶନ ପାଇଁ ବଡଶଙ୍ଖ ଛକ ଠାରୁ ଲାଇନ ଲାଗିଥିବା ଦେଖାଯାଇଛି । ଆଜି ଶେଷ ଦର୍ଶନଥିବାରୁ ଶରଧାବାଲିରେ ଲାଗିଛି ଭକ୍ତଙ୍କ ଭିଡ଼ । ବାହୁଡ଼ାଯାତ୍ରା ପାଇଁ ସମସ୍ତ ସେବାୟତ ଏବଂ ଭକ୍ତମାନଙ୍କ ସହଯୋଗ କାମନା କରିଛନ୍ତି ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡ଼. ଅରବିନ୍ଦ ପାଢ଼ୀ । ସନ୍ଧ୍ୟାଦର୍ଶନ ଦିନ ଜନ୍ମ ବେଦୀରେ ମହାପ୍ରଭୁଙ୍କୁ ଦର୍ଶନକଲେ ଅଶେଷ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ଆଡ଼ପ ଦର୍ଶନ କରି ଭକ୍ତ ମାନେ ଭାବବିହ୍ୱଳ ହୋଇପଡିଥିଲେ। ଶୁକ୍ରବାର ବାହୁଡ଼ା ଯାତ୍ରା ଥିବାରୁ ଶ୍ରୀଗୁଣ୍ଡିଚା ମନ୍ଦିର ଶୋଧ ହେବ। ତୃତୀୟ ଭୋଗ ମଣ୍ଡପ ପରେ ରାହସକୁ ମହାପ୍ରଭୁ ବିଜେ କରିବେ। ମଇଲମ , ଚନ୍ଦନ ଲାଗି ,ବଡ଼ସିଂହାର ବେଶ , ବଡ଼ସିଂହାର ଭୋଗ ପରେ ରାତ୍ର ୧୦ ଟାରେ ପହୁଡ କରାଯିବ। ପୁଷ୍ପପାଳକମାନେ ଶ୍ରୀମୁଖରେ ଖଣ୍ଡୁଆ ପକାଇ ବାହାରକୁ ଯିବା ପରେ ଦଇତାପତି ମାନେ ଠାକୁରଙ୍କର ଗୁପ୍ତନୀତି କରିବେ।

ବାହୁଡ଼ା ଯାତ୍ରା ଓ ସୁନାବେଶରେ ଟ୍ରାଫିକ୍ ପରିଚାଳନା ସବୁଠାରୁ ବଡ଼ ଚ୍ୟାଲେଞ୍ଜ

ଶ୍ରୀଜଗନ୍ନାଥଙ୍କ ବାହୁଡ଼ା ଯାତ୍ରା ଓ ସୁନାବେଶକୁ ନେଇ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ରଥଯାତ୍ରା ପରିଚାଳନା ଅଧିକାରୀ ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି ଯେ,ସୁନାବେଶର ସଫଳ ଆୟୋଜନ ପ୍ରଶାସନ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇଥାଏ।ସେ କହିଛନ୍ତି, ପ୍ରତିବର୍ଷ ସୁନାବେଶ ଅବସରରେ ୧୦ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ପୁରୀରେ ସମାଗମ କରିଥାନ୍ତି। ମାତ୍ର ଅଢ଼େଇ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ପୁରୀ ସହରରେ ଏତେ ବଡ଼ ଜନସମାଗମକୁ ସୁରକ୍ଷିତ ଭାବେ ପରିଚାଳନା କରିବା ଏକ ବଡ଼ ଆହ୍ୱାନ ବୋଲି ସେ କହିଛନ୍ତି। ବିଶେଷକରି ଟ୍ରାଫିକ୍ ପରିଚାଳନା ଏହି ସମୟରେ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି ସୌମେନ୍ଦ୍ର ପ୍ରିୟଦର୍ଶୀ କହିଛନ୍ତି। ପାର୍କିଂ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ପୂର୍ବ ବର୍ଷଗୁଡ଼ିକରେ ନିର୍ଦ୍ଧାରିତ ପାର୍କିଂ ସ୍ଥାନ ସମୟ ପୂର୍ବରୁ ପୂର୍ଣ୍ଣ ହୋଇଯାଇଥିବା ନଜିର ରହିଛି। ଏହାକୁ ଦୃଷ୍ଟିରେ ରଖି ପୁରୀ ଆସିବା ପୂର୍ବରୁ ଶ୍ରଦ୍ଧାଳୁମାନେ ଓଡ଼ିଶା ପୋଲିସ ଓ ପ୍ରଶାସନ ପକ୍ଷରୁ ଜାରି କରାଯାଉଥିବା ଟ୍ରାଫିକ୍ ଓ ପାର୍କିଂ ସମ୍ବନ୍ଧୀୟ ସମସ୍ତ ସୂଚନା ଅନୁଧାନ କରି ଯାତ୍ରା କରିବାକୁ ସେ ପରାମର୍ଶ ଦେଇଛନ୍ତି।

ସମ୍ପାଦକୀୟ

ବିଶେଷ ବିଦେଶନୀତି

କୌଣସି ବି ଦେଶରେ କେହି ବି ଯାଇ ଚାକିରି ବାକିରି କରିପାରିବେ ଅବା କୌଣସି ବାଣିଜ୍ୟ ବ୍ୟବସାୟ ବି କରିପାରିବେ। ଯାହା ଏକ ଦୀର୍ଘସ୍ଥାୟୀ ପ୍ରକ୍ରିୟା ବି ହୋଇପାରେ। ଏଣୁ ସେହି ସମୟ ଭିତରେ କେହି ବି ସଂପୃକ୍ତ ଦେଶର ନାଗରିକତା ନେଇପାରେ ଅବା ନେଇ ନପାରେ ..ତାହା ତ ଭିନ୍ନ କଥା। ତେବେ ସଂପୃକ୍ତ ଦେଶର ନାଗରିକତା ଗ୍ରହଣ କରିବା କିନ୍ତୁ ଏକ କାଠିକର, ଅତି କଷ୍ଟକର ବ୍ୟାପାର । ଏହା ଏକ ସାଧାରଣ କଥା ଯେ କେହି ବି କୌଣସି ଦେଶକୁ ଯାଇପାରିବେ କିନ୍ତୁ ସେହି ଦେଶର ନାଗରିକତା କିନ୍ତୁ କେବେ ବି ଗ୍ରହଣ କରିପାରିବେ ନାହିଁ। କହିବାର ଅର୍ଥ ହେଲା,କୌଣସି ବି ଉଦ୍ଦେଶ୍ୟ ନେଇ ଆମେ ବିଦେଶକୁ ଯାଇପାରୁ ହେଲେ ଆମ ଇଚ୍ଛାରେ କିନ୍ତୁ ଆମେ ସେହି ଦେଶର ନାଗରିକତା ଗ୍ରହଣ କରିନପାରୁ । ସେଥିପାଇଁ କିଛି ସ୍ୱତନ୍ତ୍ର ଗାଇଡ୍ ଲାଇନ୍ ରହିଛି ଯାହାକୁ ଅନୁସରଣ କରିବା ବାଧ୍ୟତାମୂଳକ। ହେଲେ ଯେଉଁମାନେ ଅନୁପ୍ରବେଶକାରୀ ସେମାନଙ୍କ ପାଇଁ କିନ୍ତୁ ନିୟମ କାନୁନ୍ କ'ଣ । ସେମାନେ କିଛି ବି ନିୟମ କାନୁନ୍ ଜାଣନ୍ତି ନାହିଁ। ଅଥବା ସେମାନେ କିଛି ବି ଜାଣିବାକୁ ଚାହାଁନ୍ତି ନାହିଁ। ସେଥିପାଇଁ ତ ସେମାନେ ଅନୁପ୍ରବେଶକାରୀ। କାରଣ ଅନୁପ୍ରବେଶ ପଛରେ ସେଭଳି କିଛି ଭଲ ଉଦ୍ଦେଶ୍ୟ ନଥାଏ। ଯାହା ଯେମିତି କରି ଚଳିଯିବା। ଦରକାର ପଡ଼ିଲେ ଖୁନ୍ ଖରାବା ଆଦି ଯାହା ବି ହୋଇପାରେ। ଦ୍ୱିତୀୟରେ ଅନ୍ୟ ଦେଶରେ କିଛିଦିନ ରହିଗଲା ପରେ ଧୀରେ ଧୀରେ ସେଠାରେ ଅନୈତିକ ଏବଂ ଅଯଥା ବଂଶବୃଦ୍ଧି କରିବା। ପରେ ଆଉ କିଛି କହିବା କିମ୍ବା ଲେଖିବାର ଆବଶ୍ୟକତା ନାହିଁ। ଯାହାର ପରବର୍ତ୍ତୀ ପରିଣାମ ଯେ ଅପ୍ରୀତିକର ଏବଂ ଅସନ୍ତୋଷଜନକ, ଏଥିସ୍ଥ ସ୍ପଷ୍ଟ ଅନୁମେୟ। କଥା କେବଳ ଅପ୍ରୀତିକର ଏବଂ ଅସନ୍ତୋଷରେ ସୀମିତ ହୋଇ ରହେନାହିଁ। କଥା ଚାଲିଯାଏ ଖୁନ୍ ଖରାବା ଆଡ଼େ, କଥା ଚାଲିଯାଏ ଚୋରି ଡକାୟତି ଆଡ଼େ ,; ତା' ଭିତରେ ଆଉ କେତେ କ'ଣ ଯେ ହୋଇଯାଏ, ତା'ର କିଛି ହିସାବ ନାହିଁ। ଆମେ କିଛି ସରଳ ଭାଷାରେ କହିଲେ ବୁଝିବା ଭାରତରେ ରହୁଥିବା ବିଦେଶୀ ନାଗରିକଙ୍କ କଥା ଯେଉଁମାନେ ଅନୈତିକ ଭାବରେ ଏବଂ ଅବୈଧ ଭାବରେ ଅନ୍ୟ ଦେଶରୁ ଆସି ଭାରତରେ ରହୁଛନ୍ତି। ସେମାନେ ହେଲେ ଭାରତରେ ରହୁଥିବା ବିଦେଶୀ। ବିଦେଶୀ ଏମିତି ବହୁତ ରହୁଛନ୍ତି ଭାରତରେ। ବିଶ୍ୱର ବିଭିନ୍ନ ଦେଶରୁ ଏବଂ ବିଭିନ୍ନ ପ୍ରାନ୍ତରୁ। ସେମାନଙ୍କ ଭାରତରେ ରହିବା ପଛରେ ରହିଛି ଭିନ୍ନ ଭିନ୍ନ ଉଦ୍ଦେଶ୍ୟ। କିଛି ରାଜନୈତିକ, କିଛି ବ୍ୟବସାୟିକ ଅବା କିଛି ବୃତ୍ତିଗତ। ଏ ସବୁକୁ ଆମେ ବୈଧ କହିପାରୁ । ହେଲେ ଭାରତରେ ଅନେକ ବାଂଲାଦେଶୀ ବିଦେଶୀ ରହିଛନ୍ତି। ରିପୋର୍ଟ ଯାହା କହୁଛି ଭାରତ ବର୍ଷରେ ପ୍ରାୟ ଦୁଇଲକ୍ଷ ବାଂଲାଦେଶୀ ରହୁଛନ୍ତି ଯେଉଁମାନେ ଅନୁପ୍ରବେଶକାରୀ ଏଣୁ ସେମାନେ ଅବୈଧ। ଏବେ ସେମାନେ ଆମ ଭାରତବର୍ଷ ପାଇଁ ବିପଦର କାରଣ । ଭାରତରେ ଅବୈଧ ଭାବରେ ବି ଏମିତି ଅନେକ ମୁସଲମାନ ମଧ୍ୟ ଏବେ ବି ରହୁଛନ୍ତି। ଯେଉଁମାନଙ୍କର ସିଧାସଳଖ ପାକିସ୍ତାନ ଅବା ବାଂଲାଦେଶୀ ଲିଙ୍କ୍ ରହିଛି। ଏପରିକି ଆରବିକ୍ ଲିଙ୍କ୍ ମଧ୍ୟ ରହିଛି ସେମାନେ ବି ଭାରତ ପାଇଁ ବିପଦଜନକ। ଯେଉଁଥିପାଇଁ ଭାରତରେ ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି ଜନସଂଖ୍ୟା। ଯାହାର ପରିଣାମ ଭାରତରେ ସେମାନଙ୍କ ଅଯଥା ଏବଂ ଅବୈଧ ଉପସ୍ଥିତି କାରଣରୁ ଦେଶରେ ଅନେକ ସମୟରେ ବେରୋଜଗାରୀ, ବେକାରୀ ଏବଂ ଚୋରି ରାହାଜାନୀ ଭଳି ସମସ୍ୟା ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି ଦେଶରେ । ଏଭଳି ଆଶଙ୍କା ଆଜିର ନୁହେଁ,ବହୁପୂର୍ବର। ସ୍ୱାଧୀନତାର ବହୁ ପୂର୍ବକୁ ଫେରିଗଲେ ସେତେବେଳେ ଯଦିଓ ନଥିଲା ସେତେ ଜନସଂଖ୍ୟା ବୃଦ୍ଧି ସମସ୍ୟା, ହେଲେ ଧୀରେ ଧୀରେ ପରେ ପରେ ସମସ୍ୟା ବୃଦ୍ଧି ପାଇଲା। ଜନସଂଖ୍ୟା ସମସ୍ୟା ଏତେ ପରିମାଣରେ ବୃଦ୍ଧି ପାଇଲା ଯାହାକି ଭାରତରେ ସୃଷ୍ଟିକଲା ଜନ ବିସ୍ଫୋରଣ ସମସ୍ୟା। ଜନସଂଖ୍ୟା ବୃଦ୍ଧି ଭାରତରେ ଯାବତୀୟ ସମସ୍ୟା ସୃଷ୍ଟି କଲା। ପ୍ରଥମତଃ ନିଯୁକ୍ତି କ୍ଷେତ୍ରରେ ସମସ୍ୟା। ଦ୍ୱିତୀୟତଃ ସରକାରୀ ଜାଗା ସଂରକ୍ଷଣ କ୍ଷେତ୍ରରେ ସମସ୍ୟା। ତୃତୀୟରେ ଆଇନ୍ ଶୃଙ୍ଖଳା ରକ୍ଷା କ୍ଷେତ୍ରରେ ସମସ୍ୟା, ଚତୁର୍ଥରେ ବିଭିନ୍ନ କ୍ଷେତ୍ରରେ ଅନିୟମିତତା ଯେପରି କି କେତେବେଳେ ଓଡ଼ିଶା ରାଜ୍ୟରେ ବିହାରୀ ରାଜ୍ ଚାଲିବ ତ କେତେବେଳେ ବିହାରରେ ଚାଲିବ ବଙ୍ଗାଳୀ ରାଜ୍। ଶେଷରେ ଅତି ଗମ୍ଭୀର ସମସ୍ୟା ସୃଷ୍ଟି ହୋଇପାରେ। ଦେଶରେ ବିଦେଶୀ ରାଜ୍ ଯେମିତି କି କଟ୍ଟର ମୁସଲିମ୍ ରାଜ୍ । ଏଣୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଭାରତରେ ଏକ ବିଶେଷ ବିଦେଶୀ ନୀତିର ଉପସ୍ଥାପନର ଆବଶ୍ୟତା ରହିଛି ଯହାଦ୍ୱାରା ସରକାର ଭାରତରେ ଜନସଂଖ୍ୟାକୁ ନିୟନ୍ତ୍ରଣରେ ରଖିବା ସହ ବିଦେଶୀମାନଙ୍କ ଉପରେ ମଧ୍ୟ ଆଣିପାରିବେ ନିୟନ୍ତ୍ରଣ ।

ଉପଯୁକ୍ତ ନ୍ୟାୟ

ଜଣେ ଧାର୍ମିକ ରାଜା ଯେ କି ରହୁଥାନ୍ତି ଭାରତର ଦକ୍ଷିଣରେ।। ତାଙ୍କ ଶାସନ କାଳରେ ରାଜ୍ୟରେ କେହି ବି ସେମିତି ଅସୁବିଧାରେ ରହୁନଥିଲେ। ଯାହାର ଯାହା ବି ଅସୁବିଧା ହେଉଥିଲା, ସେମାନେ ଅଚିରେ ତାଙ୍କ ସମସ୍ୟା ନେଇ ରାଜାଙ୍କ୍ ପାଖକୁ ଧାଇଁ ଆସୁଥିଲେ। ରାଜା ବି କାହାକୁ ସେମିତି ଖାଲିହାତରେ ଫେରାଉ ନଥିଲେ। ସମସ୍ତଙ୍କ ସମସ୍ୟା ସମାଧାନ ଦିଗରେ ରାଜା ବି ସେହିଭଳି କିଛି ତ୍ୱରନ୍ତ ପଦକ୍ଷେପ ନେଉଥିଲେ। କାହାକୁ ନିରାଶ କରୁ ନଥିଲେ କି କାହାପ୍ରତି ଅବିଚାର ମଧ୍ୟ କରୁନଥିଲେ। ଯିଏ ବି ଯେଉଁଭଳି ବିଚାରଧାରା ନେଇ ଆସୁଥିଲେ କିମ୍ବା ଯିଏ ଯାହା ବି ଅଭିଯୋଗ ନେଇ ଆସୁଥିଲେ, ରାଜା କେବେ ବି କାହା ସପକ୍ଷରେ ଯାଉନଥିଲେ କି କେବେ କାହା ବିପକ୍ଷରେ ମଧ୍ୟ ଯାଉନଥିଲେ। ସମସ୍ତଙ୍କୁ ଉପଯୁକ୍ତ ବିଚାର ପ୍ରଦାନ କରୁଥିଲେ। ସମସ୍ତଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ପାଇଁ ସର୍ବଦା ତାଙ୍କ ଉଦ୍ୟମ ଜାରି ରଖିଥିଲେ। ସବୁଦିନ ରାଜାଙ୍କ ପାଖକୁ କିଛି ନା କିଛି ସମସ୍ୟା ନେଇ ଅବା କିଛି ନା କିଛି ଅଭିଯୋଗ ନେଇ କେହି ନା କେହି ଆସନ୍ତି ଏବଂ ରାଜା ସେ ସବୁର ଉପଯୁକ୍ତ ସମାଧାନ ଦିଗରେ ତାଙ୍କର ଉପଯୁକ୍ତ ବିଚାର ପ୍ରଦାନ କରନ୍ତି। ଥରେ ଦୁଇ ଜଣ ହଠାତ ଆସି ରାଜଦରବାରରେ ପହଞ୍ଚିଲେ ଏବଂ ରାଜାଙ୍କ୍ ଠାରୁ ତାଙ୍କର ସମସ୍ୟା ନେଇ ଉପଯୁକ୍ତ ସମାଧାନ ଆଶା କଲେ। ରାଜ ଦରବାରରେ ବିଚାରକାର୍ଯ୍ୟର ସମୟ ସେତେବେଳେ ସରି ଆସୁଥିବାରୁ ରାଜାଙ୍କ ସ୍ୱତନ୍ତ୍ର ପ୍ରତିନିଧି ସେମାନଙ୍କୁ ଫେରାଇଦେଇ ପରଦିନ ଆସିବାକୁ କହିବାରୁ ସେମାନେ କିନ୍ତୁ ରାଜଦରବାର ଛାଡ଼ି ଯିବାକୁ ସେମାନଙ୍କର ଅନିଚ୍ଛା ଜାହିର କଲେ। ରାଜ ଦରବାରକୁ ବହୁ ଦୂରରୁ ବହୁ ଆଶା ନେଇ ଆସିଥିବା ସେହି ଦୁଇଜଣ କିନ୍ତୁ ଜିଦ୍ କରିବାରୁ ଶେଷରେ ରାଜାଙ୍କ ସ୍ୱତନ୍ତ୍ର ମନ୍ତ୍ରୀ ରାଜାଙ୍କ ଅନୁମତି ନେଇ ସେମାନଙ୍କୁ ରାଜ ଦରବାରରେ ଅନ୍ତତଃ ସେହି ରାତିଟା ରହିବା ପାଇଁ ଅନୁମତି ପ୍ରଦାନ କଲେ। ସକାଳୁ ସେମାନଙ୍କର ବିଚାର ହେବା ବେଳକୁ ସେମାନେ କିନ୍ତୁ ସେହି ରାଜ ଦରବାରରୁ ସେ ଦୁହେଁ କିନ୍ତୁ ଫେରାର୍ ହୋଇଯାଇଥିଲେ। ରାଜା ପୁନଃ ଏକାଧିକ ସୈନ୍ୟ ସାମନ୍ତ ପଠାଇ ସେମାନଙ୍କୁ ଦିନକ ମଧ୍ୟରେ ଖୋଜିଆଣି ଦରବାରରେ ହାଜର କରିବାପରେ ସେମାନେ ନିଜ ନିଜ ମଧ୍ୟରେ ସେମାନଙ୍କର ବିବାଦ ସମାଧାନ କରିଦେଇଥିବା କଥା ରାଜାଙ୍କ ଆଗରେ ସ୍ୱୀକାର କଲେ। ପରେ ପରେ ରାଜା ସେମାନଙ୍କ ମଧ୍ୟରେ ଏକ ଉତ୍ତମ ବୁଝାମଣା ଜରିଆରେ ସେମାନଙ୍କ ସମସ୍ୟାର ସମାଧାନ କରିବାରେ ସଫଳ ହୋଇଥିଲେ। ରାଜା ଏହିଭଳି ଭାବେ ନିଜର ରାଜଧର୍ମ ପାଳନ କରିବାରେ ସକ୍ଷମ ହୋଇଥିଲେ।

ପିଓକେ ପ୍ରତିବାଦ:ପାକିସ୍ତାନର ଦୋମୁହାଁ ନୀତି

କିଶୋର ରଥ

କାଶ୍ମୀର ଓ ଏହାର ଲୋକଙ୍କ ସ୍ୱାର୍ଥ କଥା କହୁଥିବା ପାକିସ୍ତାନର ଦୋମୁହାଁ ନୀତି ଏବଂ କପଟତ୍ୱ ପୁଣିଥରେ ଲୋକଲୋଚନକୁ ଆସିଛି । ପାକିସ୍ତାନ ଅଧିକୃତ କାଶ୍ମୀର (ପି.ଓ.କେ.)ରେ ମିଳିତ ଆୱାମୀ କାର୍ଯ୍ୟ କମିଟି (ଜେ.ଏ.ଏ.ସି)ର ନେତୃତ୍ୱରେ ଦୀର୍ଘ ସମୟ ଧରି ଚାଲିଥିବା ପ୍ରତିବାଦ ପାକିସ୍ତାନ ସରକାରଙ୍କ ଦାବି ଓ ବାସ୍ତବତା ମଧ୍ୟରେ ଥିବା ତଫାତକୁ ସ୍ପଷ୍ଟ କରିଦେଇଛି । ସେପ୍ଟେମ୍ବର ୨୦୨୫ରେ ପ୍ରତିବାଦକାରୀ ଓ ସରକାରଙ୍କ ମଧ୍ୟରେ ହୋଇଥିବା ଚୁକ୍ତିକୁ କାର୍ଯ୍ୟକାରୀ କରିବାରେ ଇସଲାମବାଦ ବିଫଳ ହେବା ପରେ ଜୁନ୍ ୦୫, ୨୦୨୬ ରୁ ଆନ୍ଦୋଳନ ପୁଣିଥରେ ଜୋର ଧରିଥିଲା । ଦୀର୍ଘ ଦଶନ୍ଧି ଧରି ଅବହେଳା ଓ ଶୋଷଣର ଶିକାର ହୋଇଆସୁଥିବା ପି.ଓ.କେ.ର ଲୋକମାନେ ଗତ ବର୍ଷ ରାଜ୍ୟବ୍ୟାପି ବିକ୍ଷୋଭ ସହ ମୁଜାଫରବାଦ ଅଭିମୁଖେ ଏକ ବିଶାଳ ପଦଯାତ୍ରା କରିଥିଲେ । ଏହି ଜନଆନ୍ଦୋଳନ ଚାପରେ ପାକିସ୍ତାନ ସରକାର ଜେ.ଏ.ଏ.ସି ପକ୍ଷରୁ ଉପସ୍ଥାପିତ ୩୮ଟି ଦାବି ମଧ୍ୟରୁ ଅଧିକାଂଶକୁ ମାନିବାକୁ ବାଧ ହୋଇଥିଲା ।

ସେଥିରେ ଥିବା ପ୍ରମୁଖ ଦାବି ଗୁଡ଼ିକ ହେଲା : ଶାସକ ଗୋଷ୍ଠୀ ପାଇଁ ରହିଥିବା ବିଶେଷ ସୁବିଧାର ଅବସାନ, ରାଜ୍ୟ ବାହାରେ ଥିବା କାଶ୍ମୀରୀ ପ୍ରତିନିଧିଙ୍କ ପାଇଁ ସଂରକ୍ଷିତ ୧୨ଟି ବିଧାନସଭା ଆସନର ବିଲୋପ, ସମସ୍ତଙ୍କ ପାଇଁ ମାଗଣା ଓ ସମାନ ଶିକ୍ଷା ବ୍ୟବସ୍ଥା, ଏକ ଅନ୍ତର୍ଜାତୀୟ ବିମାନ ବନ୍ଦରର ନିର୍ମାଣ, ପ୍ରବାସୀ ପାକିସ୍ତାନୀଙ୍କ ପାଇଁ ଚାକିରି ସଂରକ୍ଷଣର ଅନ୍ତ, ଏକ୍ସପ୍ରେସୱେ ନିର୍ମାଣ, କୃଷି ଓ ଜଳସେଚନ ପାଇଁ ପର୍ଯ୍ୟାପ୍ତ ଜଳ ଯୋଗାଣ, ନ୍ୟାୟିକ ସଂସ୍କାର, ଅନାବଶ୍ୟକ ସରକାରୀ ବିଭାଗ ଗୁଡ଼ିକୁ ବନ୍ଦ କରିବା, ଯୁବକମାନଙ୍କୁ ସୁଧମୁକ୍ତ ଋଣ ପ୍ରଦାନ, ବ୍ୟପକ ନିଯୁକ୍ତି ସୁଯୋଗ, ବ୍ୟବସାୟୀ ସମ୍ପ୍ରଦାୟକୁ ସୁରକ୍ଷା ଓ ସହାୟତା, ବିଦ୍ୟୁତ୍ ବିଲରେ ସବସିଡି ଏବଂ ଗହମ ଅଟା ଉପରେ ସବସିଡି ପ୍ରଦାନ । ଦାବିପତ୍ରରେ ଥିବା ଅଧିକାଂଶ ଦାବି ଏପରି ସୁବିଧା ଓ ସେବା ସହ ଜଡ଼ିତ, ଯାହା ଏକ ଗଣତାନ୍ତ୍ରିକ ରାଷ୍ଟ୍ର ସାଧାରଣତଃ ନିଜ ନାଗରିକଙ୍କୁ ପ୍ରଦାନ କରିଥାଏ । କିନ୍ତୁ ପି.ଓ.କେ.ର ଲୋକମାନଙ୍କୁ ଏହି ମୌଳିକ ସୁବିଧା ପାଇଁ ମଧ୍ୟ ପ୍ରତିବାଦ କରିବାକୁ ପଡୁଛି ।

କେନ୍ଦ୍ର ଓ ରାଜ୍ୟ ସରକାର ସେମାନଙ୍କ ଦାବି ପ୍ରତି ଧ୍ୟାନ ନଦେବାରୁ ଜେ.ଏ.ଏ.ସି. ମୁଜାଫରବାଦ୍ ଅଭିମୁଖେ ପଦଯାତ୍ରା ଓ ବିକ୍ଷୋଭର ଆହ୍ୱାନ ଦେଇଥିଲା । ଆଲୋଚନା କରିବା ପରିବର୍ତ୍ତେ ପାକିସ୍ତାନୀ ସୁରକ୍ଷା ବଳ ଜୁନ୍ ମାସରେ ଜେ.ଏ.ଏ.ସି. ନେତାମାନଙ୍କ ଉପରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଏଥିରେ ବଶୀର ହବିବଙ୍କ ମୃତ୍ୟୁ ହୋଇଥିବାବେଳେ ଉମର ନଜିର କାଶ୍ମୀରୀଙ୍କ ସମେତ ଅନେକ ନେତା ଆହତ ହୋଇଥିଲେ ଏବଂ ଶୌକତ ନୱାଜ କାଶ୍ମୀରୀଙ୍କ ସହ ଅନ୍ୟ ନେତାମାନଙ୍କୁ ଗିରଫ କରାଯାଇଥିଲା । ଏହା ପରେ ଆନ୍ଦୋଳନ ଅଧିକ ତୀବ୍ର ହୋଇ ରାୱଲକୋଟ, କୋଟଲି, ମୀରପୁର ଓ ପୁଞ୍ଚରେ ଧାରଣା ଓ ବିକ୍ଷୋଭ ଜାରି ରହିଥିଲା । ଜୁନ୍ ୫ରୁ ସେମାନେ ନିଜର ଗଣତାନ୍ତ୍ରିକ ଅଧିକାର ଓ ଗିରଫ ନେତାମାନଙ୍କ ମୁକ୍ତି ଦାବିରେ ପ୍ରତିବାଦ ଆରମ୍ଭକରିଥିଲେ । କିନ୍ତୁ ପାକିସ୍ତାନ ସରକାର ସେମାନଙ୍କ ଦାବି ସମାଧାନ କିମ୍ବା ଜେ.ଏ.ଏ.ସି. ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିବା ପରିବର୍ତ୍ତେ ବଳପ୍ରୟୋଗ ମାଧ୍ୟମରେ ଆନ୍ଦୋଳନକୁ ଦମନ କରିବାକୁ ଉଦ୍ୟମ କରିଛି ।

ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ ପାକିସ୍ତାନ ପ୍ରାୟ ୪୦ ହଜାର ସୁରକ୍ଷାକର୍ମୀ ମୁତୟନ କରି ଆନ୍ଦୋଳନକୁ ଦମନ କରିବାକୁ ଚେଷ୍ଟା କରିଥିଲା ଓ ଲୁହବୁହା ଗ୍ୟାସ, ଗୁଳିଚାଳନା ଓ ବଳପୂର୍ବକ କାର୍ଯ୍ୟାନୁଷ୍ଠାନରେ ଅନେକ ଲୋକ ମୃତ ଓ ଆହତ ହୋଇଥିବା ଅଭିଯୋଗ ରହିଛି । ଜେ.ଏ.ଏ.ସି.ର ଅଭିଯୋଗ ଅନୁସାରେ ୮୦ରୁ ଅଧିକ ଶାନ୍ତିପୂର୍ଣ୍ଣ ପ୍ରଦର୍ଶନକାରୀଙ୍କ ମୃତ୍ୟୁ ଏବଂ ୧୭୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ସେହିପରି ସୁରକ୍ଷାବାହିନୀ ସରକାରୀ ହସ୍ପିଟାଲରୁ ୫୬ଟି ମୃତଦେହ ନେଇଯାଇଥିବା ଅଭିଯୋଗ ମଧ୍ୟ କରାଯାଇଛି । ଭୟର ପରିବେଶ ସୃଷ୍ଟି ହେବାରୁ ଅନେକ ଆହତ ବ୍ୟକ୍ତି ସରକାରୀ ହସ୍ପିଟାଲକୁ ନଯାଇ ଘରେ କିମ୍ବା ବେସରକାରୀ ହସ୍ପିଟାଲରେ ଚିକିତ୍ସା କରାଇଥିଲେ । ପ୍ରଦର୍ଶନକାରୀମାନେ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ ସୁରକ୍ଷାବାହିନୀ ଘରେ ପଶି ଲୁଟପାଟ କରିଥିଲେ ଏବଂ ପରିବାରର ସଦସ୍ୟମାନଙ୍କ ସହ ଦୁର୍ବ୍ୟବହାର କରିଥିଲେ । କେତେକ ମହିଳା ମଧ୍ୟ ସେମାନଙ୍କ ସହ ଅସଦାଚରଣ ହୋଇଥିବାର ଅଭିଯୋଗ କରିଛନ୍ତି । ସରକାର ଏହି ଅଭିଯୋଗକୁ ଖଣ୍ଡନ କରିଥିଲେ ମଧ୍ୟ ଆନ୍ଦୋଳନକାରୀମାନେ ନିଜ ଅଭିଯୋଗରେ ଅଟଳ ଅଛନ୍ତି ।

ଜେ.ଏ.ଏ.ସି.ର ଅଭିଯୋଗ ଅନୁସାରେ ସରକାର ନିଜ ଲୋକଙ୍କୁ ଆନ୍ଦୋଳନରେ ମିଶାଇ ହିଂସା ସୃଷ୍ଟି କରି, ଦୋଷ ଆନ୍ଦୋଳନକାରୀଙ୍କ ଉପରେ ଲଦିବାକୁ ଚେଷ୍ଟା କରିଥିଲା । ଜଣେ ପୁଲିସ କର୍ମଚାରୀଙ୍କ ମୃତ୍ୟୁ ପାଇଁ ସରକାର ଆନ୍ଦୋଳନକାରୀଙ୍କୁ ଦାୟୀ କରିଥିଲେ ମଧ୍ୟ ଜେ.ଏ.ଏ.ସି. ଏହାକୁ ସମ୍ପୂର୍ଣ୍ଣ ଭାବେ ଅସ୍ୱୀକାର କରିଛି ।

ମୁଜାଫରବାଦ ବିଶାଳ ପଦଯାତ୍ରା ପୂର୍ବରୁ ସୁରକ୍ଷାବାହିନୀର କାର୍ଯ୍ୟାନୁଷ୍ଠାନ ଆହୁରି କଠୋର ହୋଇଥିଲା । ଗିରଫ, ଗୁଳିଚାଳନା ଓ ରାସ୍ତା ଅବରୋଧ ମାଧ୍ୟମରେ ଲୋକଙ୍କୁ ପଦଯାତ୍ରାରେ ଯୋଗଦେବାରୁ ରୋକିବାକୁ ଚେଷ୍ଟା କରାଯାଇଥିଲା । ଦୀର୍ଘ ସମୟ ଧରି ପିଓକେରେ ବଜାର, ସ୍କୁଲ, ଇଣ୍ଟରନେଟ ଓ ସାଧାରଣ ଜୀବନ ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା ।

ସରକାର ଓ ଜେ.ଏ.ଏ.ସି. ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ସମାଧାନ ବାହାରି ପାରିନଥିଲା । ଜେ.ଏ.ଏ.ସି. ଗିରଫ ନେତାଙ୍କ ମୁକ୍ତି, ତାଙ୍କ ଉପରେ ଥିବା ମାମଲାର ପ୍ରତ୍ୟାହାର ଓ ସଂଗଠନ ଉପରେ ଲାଗିଥିବା ପ୍ରତିବନ୍ଧକ ହଟାଇବାକୁ ଦାବି କରିଥିଲା । ସରକାର ଏହାକୁ ମାନିନଥିବାରୁ ଆନ୍ଦୋଳନ ଜାରି ରହିଥିଲା । ପରେ କେତେକ ନେତା ପିଓକେ ପାଇଁ ଅଧିକ ସ୍ୱାୟତ୍ତତା ଓ ନିଜ ଭବିଷ୍ୟତ ନିଜେ ନିର୍ଣ୍ଣୟ କରିବାର ଅଧିକାର ଦାବି କରିଥିଲେ । ସେମାନଙ୍କର ନୂଆ ସ୍ଲୋଗାନ ଥିଲା – ୱତନ ୟା କଫନ (ମାତୃଭୂମି କିମ୍ବା ବଳିଦାନ) ।

ଏହି ଘଟଣାକୁ ନେଇ ଭାରତ ପାକିସ୍ତାନର କାର୍ଯ୍ୟକଳାପକୁ ସମାଲୋଚନା କରିଛି ଏବଂ ପିଓକେରେ ମାନବାଧିକାର ଉଲ୍ଲଙ୍ଘନ ହେଉଥିବା ଅଭିଯୋଗ କରିଛି । ସମାଲୋଚକମାନଙ୍କ ମତରେ, ଭାରତୀୟ କାଶ୍ମୀରର ଲୋକଙ୍କ ଅଧିକାରର କଥା କହୁଥିବା ପାକିସ୍ତାନ, ନିଜ ନିୟନ୍ତ୍ରଣରେ ଥିବା ପିଓକେର ଲୋକଙ୍କ ସହ ଯେଉଁ ବ୍ୟବହାର କରୁଛି, ତାହା ତାହାର ଦୋମୁହାଁ ନୀତିକୁ ସ୍ପଷ୍ଟ କରୁଛି । ଏହି ଘଟଣା ପରେ ପିଓକେର ଲୋକଙ୍କ ମଧ୍ୟରେ ନ୍ୟାୟ, ସମ୍ମାନ ଓ ନିଜ ଭବିଷ୍ୟତ ନିଜେ ନିର୍ଣ୍ଣୟ କରିବାର ଦାବି ଆହୁରି ଜୋରଦାର ହୋଇଛି ।

ଚକେଇସିହାଣୀ
ଭୁବନେଶ୍ୱର
୯୮୬୧୦୨୮୩୫୫

ସଂଘ: ବିଦେଶରେ ଭୟ ଭାରତରେ ନିର୍ଭୟ କାହିଁକି ?

ଗୋପାଳ ମହାପାତ୍ର

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘକୁ ନେଇ ଏବେ ବିବାଦ ଆରମ୍ଭ ହୋଇଛି। ଗତମାସ (ଜୁନମାସ)ରେ କର୍ଣ୍ଣାଟକ ଗୃହମନ୍ତ୍ରୀ ପ୍ରିୟଙ୍କା ଖଡ଼ଗେ ସଂଘ ମୁଖ୍ୟ ମୋହନ ଭାଗବତଙ୍କୁ ଏକ ପତ୍ର ଲେଖି ସଂଘକୁ ପଞ୍ଜିକୃତ କରାଇବା ପାଇଁ କହିଥିଲେ। ଖଡ଼େଗେଙ୍କ ପତ୍ରର ପରଦିନ ସଂଘ ମୁଖ୍ୟ ମୋହନ ଭାଗବତ ଏକ କାର୍ଯ୍ୟକ୍ରମ ଅବସରରେ କହିଥିଲେ ଯେ " ଅନେକ ଅଣ ପଞ୍ଜିକୃତ ସଂସ୍ଥା ଚାଲିଛି, ହିନ୍ଦୁ ଧର୍ମମଧ୍ୟ ପଞ୍ଜିକୃତ ନୁହେଁ।" ଏ ଘଟଣାକୁ ନେଇ ଦେଶରେ ରାଜନୀତି ମଧ୍ୟ ଜୋର ଧରିଛି। ଇତି ମଧ୍ୟରେ "ଦି ଓ୍ୟାର" ନାମକ ଏକ ସମ୍ବାଦ ସଂସ୍ଥା ପକ୍ଷରୁ ପ୍ରକାଶ ପାଇଥିବା ରିପୋର୍ଟ ହତଚକିତ କଲା ଭଳି ହୋଇଛି। ସଂପୃକ୍ତ ସମ୍ବାଦ ସଂସ୍ଥା ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ସଂଘ ମୁଖ୍ୟ ଅନେକ ତଥ୍ୟ ଲୁଚାଉଥିବା ଭଳି

ଜଣାପଡୁଛି। ଜଣାପଡିଛି ଯେ ସଂଘ ଭାରତ ବାହାରର ବା ଅନ୍ୟ ଦେଶର ସରକାରଙ୍କ ଆଇନକୁ ମାନିବାକୁ ପ୍ରସ୍ତୁତ କିନ୍ତୁ ଭାରତୀୟ ଆଇନ୍‌କୁ ମାନିବାକୁ ନାରାଜ। ପ୍ୟାରିସର ସିଇ ଆର ଆଇ ସାଇନ୍ସ ପୋ ଦ୍ୱାରା ପ୍ରଦତ୍ତ ତଥ୍ୟ ଏବଂ ଦି କାରଭାନ ପତ୍ରିକାରେ ପ୍ରକାଶିତ ତଥ୍ୟ ଅନୁସାରେ ସଂଘର ନେଟୱ୍ୱାର୍କ ଭାରତ ବାହାରେ ୩୮ଟି ଦେଶରେ ରହିଛି ଏବଂ ଏହି ଦେଶ ମାନଙ୍କରେ ୨୫୦୨ ଅଲଗା ଅଲଗା ସଂଗଠନ କାର୍ଯ୍ୟ କରୁଛି ଓ ଏହି ସବୁ ସଂଗଠନ ମାନଙ୍କର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପ୍ରତି ନିଷ୍ଠା (ସମ୍ପର୍କ) ରହିଛି। ଭାରତ ବାହାରେ ଥିବା ସଂଗଠନ ମାନଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ସଂଗଠନ ପଞ୍ଜିକୃତ ହୋଇଛି ଓ ସଂଗଠନ ଗୁଡିକ ସଂପୃକ୍ତ ଦେଶର ଆଇନ୍ କାନୁନ୍‌କୁ ମାନୁଛନ୍ତି। ବିଦେଶରେ ଥିବା ୨୫୦୨ ସଂଗଠନ ମଧ୍ୟରୁ ମାତ୍ର ୭୪୭ ଟି ସଂଗଠନ ଅଣ ପଞ୍ଜିକୃତ ଅଟେ। ଅର୍ଥାତ୍ ୭୦ ପ୍ରତିଶତରୁ ଅଧିକ ସଂଘ ସହ ଜଡିତ ସଂଗଠନ ସଂପୃକ୍ତ ଦେଶର ଆଇନ୍‌କୁ ମାନୁଛନ୍ତି। ସଂଘ ସହ ଯୋଡିହୋଇଥିବା ପ୍ରାୟ ସବୁ ସଂଗଠନ ଭିନ୍ନ ଭିନ୍ନ ପ୍ରକାରରେ ପଞ୍ଜିକୃତ – କେତେକ ପ୍ରାଇଭେଟ କମ୍ପାନୀ ହିସାବରେ ଏବଂ କେତେକ ଆଡ଼ଭୋକେସି/ଲବିଙ୍ଗ୍ କରୁଥିବା ସଂଗଠନ। ଏଥିମଧ୍ୟରୁ କେତେକ ଅଣ ସରକାରୀ ସଂସ୍ଥା ଓ କେତେକ ଅଣ ଲାଭଦାୟକ ସଂସ୍ଥା ଅଟନ୍ତି। ୨୦୨୫ରେ ସ୍ୱାଧିନତା ଦିବସ ଅବସରରେ ଦିଲ୍ଲୀର ଲାଲକିଲ୍ଲାରୁ ଦେଶକୁ ସମ୍ବୋଧିତ କଲାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ସଂଘକୁ ବିଶ୍ୱର ସବୁଠାରୁ ବଡ଼ ଏନ୍‌ଜିଓ ବୋଲି କହିଥିଲେ ଏବଂ ଦେଶରେ ସଂଘର ୮୮ହଜାର ଶାଖା ଚାଲୁଛି ବୋଲି କହିଥିଲେ। ପ୍ରଧାନମନ୍ତ୍ରୀଙ୍କ କଥା ଅନୁସାରେ ସଂଘ ଯଦି ଏନ୍‌ଜିଓ ତେବେ ଭାରତରେ ଥିବା ଅନ୍ୟ ଏନ୍‌ଜିଓ (ଅଣ ସରକାରୀ ସଂଗଠନ) ମାନଙ୍କ ଭଳି ପଞ୍ଜିକୃତ ହୋଇନାହିଁ କାହିଁକି ? ସଂଘର ଆୟ ବ୍ୟୟର ଅଡ଼ିଟ କରାଯାଉନାହିଁ କାହିଁକି ? ସଂଘ ଏ ସବୁକୁ ଅଣଦେଖା କରୁଛି କାହିଁକି ? ସଂଘର କର୍ମକର୍ତ୍ତା ମାନେ ବୋଧହୁଏ ଭାବୁଛନ୍ତି ଯେ ସଂଘକୁ ଔପଚାରିକ ଭାବେ ପଞ୍ଜିକୃତକରାଯିବା ଉଚିତ୍ ନୁହେଁ। କାରଣ ପଞ୍ଜିକୃତ ହେଲେ ଉତ୍ତର ଦାୟୀତ୍ୱ ବଢ଼ିବ, ଆୟ ବ୍ୟୟର ଅଡିଟ ହେବ ଇତ୍ୟାଦି ଅନେକ କଥାର ସମ୍ମୁଖୀନ ହେବାକୁ ପଡିବ। ସଂଘର ମୁଖପତ୍ର ଅର୍ଗାନାଇଜର (୨୦୨୫)ରେ ରତନ ସାରଦାଙ୍କର ଏକ ଆଲୋଖ୍ୟ ପ୍ରକାଶ ପାଇଥିଲା। ତାଙ୍କ ଲେଖାରୁ ଏସବୁ କଥା ସ୍ପଷ୍ଟ। ସଂଘର ଭାରତ ବାହାରେ ଚାଲିଥିବା ସଂଗଠନ ପଞ୍ଜିକୃତ ହେଉଥିବା ବେଳେ ଭାରତୀୟ ଆଇନ୍‌କୁ ମାନିବାକୁ ସଂଘ ନାରାଜ। ତଥ୍ୟ ଅନୁସାରେ ୟୁନାଇଟେଡ଼ ଷ୍ଟେଟସ୍‌ରେ ସଂଘ ସହ ଜଡିତ ୧୦୭ ସଂଗଠନ ରହିଛି। ଏସବୁ ସଂଗଠନ ମଧ୍ୟରୁ କେତେକ ବିଶ୍ୱ ହିନ୍ଦୁ ପରିଷଦ ସହ ଯୋଡି ହୋଇ ବିଶ୍ୱ ହିନ୍ଦୁ ପରିଷଦ – ଆମେରିକା ନାମରେ ସେଠାରେ କାର୍ଯ୍ୟକରୁଛନ୍ତି। ଏହି ସଂସ୍ଥା ଏକ ସୋସାଇଟି ଭଳି ପଞ୍ଜିକୃତ ହୋଇଛି। କିଛି ସଂଗଠନ ମଧ୍ୟ ସଂଘ ସହ ସମ୍ପର୍କୀତ ସଂଗଠନ ମାନଙ୍କ ସହ ଜଡିତ ହୋଇଛନ୍ତି। ଆମେରିକାରେ ଥିବା ୧୦୭ ସଂଗଠନ ମଧ୍ୟରୁ କେବଳ ୧୦ଟି ସଂଗଠନ ଅଣ ପଞ୍ଜିକୃତ ହୋଇଥିବା ବେଳେ ୯୭ ସଂଗଠନ ଆମେରିକାର ନିୟମ ଅନୁସାରେ ପଞ୍ଜିକୃତ। ଏହାର ସିଧାସଳଖ ଅର୍ଥ ହେଉଛି ଏହି ୯୭ ପଞ୍ଜିକୃତ ସଂଗଠନ ମାନେ ଆମେରିକାର ନିୟମ ମାନି ଚଳୁଛନ୍ତି ଏବଂ ଅଣ ଲାଭକାରୀ ସଂସ୍ଥା ହିସାବରେ ଆୟ ବ୍ୟୟର ରିପୋର୍ଟ ମଧ୍ୟ ଦେଉଛନ୍ତି। ଆମେରିକାରେ ଥିବା ହିନ୍ଦୁ ସ୍ୱୟଂସେବକ ସଂଘ ଯିଏ ସଂଘ ବିଚାର ଧାରାରେ ପ୍ରେରିତ ସଂସ୍ଥା ଆମେରିକାରେ ମଧ୍ୟ ପଞ୍ଜିକୃତ ହୋଇଛି। ଏହି ସଂସ୍ଥାର ଆୟବ୍ୟୟ ମଧ୍ୟ ସାର୍ବଜନୀନ କରୁଛି। ଏହି ସଂସ୍ଥା କଂଗ୍ରେସ ବିରୋଧି ଏଜେଣ୍ଡା ଚଳାଉଥିବାର ଅଭିଯୋଗ ମଧ୍ୟ ହୋଇଛି। ଏକ ବ୍ରିଟିଶ ନ୍ୟୁଜ ଚାନେଲ ମଧ୍ୟ ଏହି ସଂସ୍ଥା ବିରୋଧରେ ସଂବାଦ ପ୍ରକାଶ କରିଥିଲା। ଇଂଲଣ୍ଡରେ ମଧ୍ୟ ସଂଘ ସହ ତଡ଼ିତ ୨୬ଟି ସଂଗଠନ ରହିଥିବା ବାବଦରେ ଜଣାପଡିଛି। ଏହି ସଂଗଠନ ମାନଙ୍କ ମଧ୍ୟରୁ ମାତ୍ର ୩ଟି ସଂଗଠନ ଅଣ ପଞ୍ଜିକୃତ। କାଲିଫର୍ଣ୍ଣିଆର ସାନ୍ତାକ୍ଲାରା ବିଶ୍ୱବିଦ୍ୟାଳୟର ଜନୈକ ପ୍ରଫେସର ରୋହିତ ଚୋପ୍ରା ସଂଘ ପ୍ରସଙ୍ଗରେ ଅନେକ କଥା କହିଛନ୍ତି। ପ୍ରଫେସର ଚୋପ୍ରା କହିଛନ୍ତି ଯେ ଆମେରିକାରେ ପଞ୍ଜିକୃତ ସଂସ୍ଥାମାନେ ବିଭିନ୍ନ କମ୍ପାନୀ ମାନଙ୍କଠାରୁ ଚାନ୍ଦା ଗ୍ରହଣ କରି ସଂଘ ସହ ଯୋଡିହୋଇଥିବା ଭାରତୀୟଙ୍କୁ ଏହି ଅର୍ଥ ଦେଇଥାନ୍ତି। ୨୦୦୨ରେ "ଦି କ୍ୟାମ୍ପେନ ଟୁ ଷ୍ଟପ ଫଣ୍ଡିଙ୍ଗ ହେଟ" ପକ୍ଷରୁ ପ୍ରକାଶିତ ରିପୋର୍ଟ ଅନୁସାରେ ଆମେରିକାରେ ଥିବା ସଂଘ ସହ ଜଡିତ ସଂଗଠନ ମାନେ ଭାରତରେ ଥିବା ସଂଘ ସହ ଯୋଡି ହୋଇଥିବା ସଂଗଠନ ମାନଙ୍କୁ ୩୦ ଲକ୍ଷ ଡ଼ଲାରରୁ ଅଧିକ ଅର୍ଥ ପ୍ରଦାନ କରିଥିଲେ। ୨୦୨୪ରେ ସାଉଥ ଏସିଆନ୍‌ଓ୍ୟେବ ନାମକ ଏକ ଓ୍ୟେବସାଇଟ ଉଲ୍ଲେଖ କରିଥିଲା ଯେ ଆମେରିକାରେ ସଂଘ ସହ ଜଡିତ ସଂଗଠନ ମାନେ ୨୦୦୧ ରୁ ୨୦୧୨ ମଧ୍ୟରେ ଭାରତରେ ଥିବାସଂଗଠନ ମାନଙ୍କୁ ୩୦ ନିୟୁତ ଡ଼ଲାର ପ୍ରଦାନ କରିଥିଲେ। ଭାରତରେ ସଂଘ ସହ ଯୋଡିହୋଇଥିବା ଅନେକ ସଂଗଠନ ପଞ୍ଜିକୃତ ଥିବା ବେଳେ ପ୍ରମୁଖ ସଂଗଠନ ମାନେ ଅଣପଞ୍ଜିକୃତ ଅଟନ୍ତି କିନ୍ତୁ ଏମାନେ ସକ୍ରିୟ ଅଛନ୍ତି। ସଂଘ ସହ ଜଡିତ ଅଣ ପଞ୍ଜିକୃତ ସଂଗଠନ ମାନଙ୍କ ମଧ୍ୟରେ ରହିଛି ବଜରଙ୍ଗ ଦଳ। ଏହା ବିଶ୍ୱ ହିନ୍ଦୁ ପରିଷଦର ଯୁବସଂଗଠନ ଓ ୧୯୮୪ ରେ ଏହାର ପ୍ରାରମ୍ଭ ହୋଇଥିଲା। ଏକ ରିପୋର୍ଟ ଅନୁସାରେ ବିଦେଶରେ ଥିବା ସଂଗଠନ ମାନଙ୍କ ସହ ସଂଘର ନିୟମିତ ନେଣଦେଣ ହୋଇଥାଏ। "ଦି କାରଭାନ"ରେ ପ୍ରକାଶିତ ଏକ ରିପୋର୍ଟ ଅନୁସାରେ ଦିଲ୍ଲୀରେ ୧୫୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ସଂଘ ଏକ ବହୁତଳ ବିଶିଷ୍ଟ କାର୍ଯ୍ୟାଳୟ ନିର୍ମାଣ କରିଛି। ୨୦୨୫ରେ ଏହାର ଉଦ୍‌ଘାଟନ ହୋଇଥିଲା। ଏହି କାର୍ଯ୍ୟାଳୟ ନିର୍ମାଣ ଅର୍ଥ ଶ୍ରୀକେଶବ ସ୍ମାରକ ସମିତି ମାଧ୍ୟମରେ ପଠାଯାଇଥିଲା। କୋରେନା ୧୯ ସମୟରେ ଆମେରିକାରେ ଥିବା ବିଶ୍ୱ ହିନ୍ଦୁ ପରିଷଦ ଆମେରିକା, ଇନଫିନିଟି ଫାଉଣ୍ଡେସନ, ସେବା ଇଣ୍ଟରନ୍ୟାସନାଲ ଏବଂ ହିନ୍ଦୁ ଆମେରିକା ଫାଉଣ୍ଡେସନ ଭଳି ସଂଗଠନ ଭାରତରେ ଥିବା ସଂଘ ସହ ଜଡିତ ସଂଗଠନ ମାନଙ୍କୁ ୮କୋଟି ୪୦ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରେ ସଂଘ ଉପରେ ପ୍ରତିବନ୍ଧ ଲଗା ଯାଇଥିଲା। ପୁଣି ୧୯୭୦ ଦଶକରେ ଏହି ପ୍ରତିବନ୍ଧ ଜାରି ରହିଥିଲା। ଅନେକ ତଦନ୍ତ ରିପୋର୍ଟ ମଧ୍ୟ ସଂଘ ବିରୋଧୀରେ ରହିଛି। ୧୯୯୮ରେ ବିଜେପି କେନ୍ଦ୍ରରେ ମେଣ୍ଟ ସରକାର ଗଠନ କରିବା ପରେ ସଂଘର ଶକ୍ତି ବଢ଼ିଥିଲା। ସରକାରୀ କର୍ମଚାରୀ ମାନେ ସଂଘ ଏବଂ ଜାମାତ-ଏ-ଇସଲାମୀ ସହ ସମ୍ପର୍କ ରଖି ପାରିବେ ନାହିଁ ବୋଲି ନିୟମ ଥିଲା। କିନ୍ତୁ ୨୦୧୪ ପରେ ଏହି ନିୟମରୁ ସଂଘକୁ ବାଦ ଦିଆଯାଇଛି। ସଂଘ ବର୍ଷରେ ଥରେ ଗୁରୁଦକ୍ଷିଣା ଗ୍ରହଣ କରେ ଓ ଏଥିରେ ସଂଘକାର୍ଯ୍ୟ ଚାଲେ ବୋଲି କୁହାଯାଏ। ୧୯୬୭ -୬୮ ଏବଂ ୧୯୭୫ -୭୬ରେ ଆୟକର ବିଭାଗ ସଂଘର ଆୟ ଉପରେ ଆୟକର ପାଇଁ ଆଦେଶ ଦେଇଥିଲେ କିନ୍ତୁ ମାମଲା କୋର୍ଟକୁ ଯିବା ପରେ ଗୁରୁଦକ୍ଷିଣା ଉପରେ ଆୟକର ଲଗାଯାଇପାରିବ ନାହିଁ ବୋଲି କୋର୍ଟ କହିଥିଲେ। ଭାରତୀୟ ନିୟମଅନୁସାରେ ଅଣ ସରକାରୀ ସଂଗଠନ ମାନେ ଆୟକର ରିଟର୍ଣ୍ଣ ଦାଖଲ କରିବା ଓ ଦାନଦାତାଙ୍କ ତାଲିକା ଦାଖଲ କରିବା ଅନିର୍ବାର୍ଯ୍ୟ ଅଟେ। ୨୦୧୦ ଜୁନ ୨୨ ତାରିଖର ଅଧିନିୟମ ଅନୁସାରେ ଅଣ ସରକାରୀ ସଂଗଠନ ନିୟନ୍ତ୍ରଣ ଆଇନ ଅଧିକ କଠୋର ହୋଇଛି। ଦାତା ବା ଦାନ ଦେଉଥିବା ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ନ ଦେବା ମଧ୍ୟ ଏଫସିଆର ଏ ଆଇନ୍‌ର ଉଲଂଘନ। ସଂଘର ଏମିତି କ'ଣ ଭିତିରି କଥା ଅଛି ଯେ ପଞ୍ଜିକରଣ ପାଇଁ ଡ଼ରୁଛି ? ବିଦେଶରେ ସେ ଦେଶର ଆଇନକୁ ମାନୁଛନ୍ତି ସଂଘ ସହ ଯୋଡି ହୋଇଥିବା ସଂଘଠନମାନେ। ତେବେ ଭାରତର ଆଇନ୍‌କୁ ମାନିବାକୁ ସଂଘ ଅରାଜି କାହିଁକି ?

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

ପ୍ରତିଶବ୍ଦ TV

ଭୁବନେଶ୍ୱର, ୨୪ ଜୁଲାଇ ୨୦୨୬

ହରିଶଙ୍କରରୁ ଶ୍ରୀଜଗନ୍ନାଥ ଧାମ ପୁରୀକୁ ସିଧାସଳଖ ବସ୍ ସେବାର ଶୁଭାରମ୍ଭ

- ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓଙ୍କ ସବୁଜ ପତାକା
- ପଶ୍ଚିମ ଓଡ଼ିଶାର ଶ୍ରଦ୍ଧାଳୁଙ୍କ ପାଇଁ ଐତିହାସିକ ସଂଯୋଗ

ପାଟଣାଗଡ଼,୨୩।୭ : ବଲାଙ୍ଗୀର ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ହରିଶଙ୍କରରୁ ଶ୍ରୀଜଗନ୍ନାଥ ଧାମ ପୁରୀକୁ ସିଧାସଳଖ ବସ୍ ସେବାର ଆଜି ଶୁଭାରମ୍ଭ ହୋଇଛି। ମାନ୍ୟବର ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ସବୁଜ ପତାକା ଦେଖାଇ ଏହି ବସ୍ ସେବାର ଶୁଭ ଉଦ୍ଘାଟନ କରିଥିଲେ। ଏହି ନୂତନ ବସ୍ ସେବା ଆରମ୍ଭ ହେବା ଫଳରେ ବଲାଙ୍ଗୀର ସମେତ ସମଗ୍ର ପଶ୍ଚିମ ଓଡ଼ିଶାର ହଜାର ହଜାର ଶ୍ରଦ୍ଧାଳୁ ଏବେ ବିନା ଯାନ ପରିବର୍ତ୍ତନରେ ସିଧାସଳଖ ଭାବେ ଶ୍ରୀଜଗନ୍ନାଥ ଧାମ ପୁରୀକୁ ଯାତ୍ରା କରିପାରିବେ। ଏହା ଧାର୍ମିକ ପର୍ଯ୍ୟଟନକୁ ନୂଆ ଦିଗ ଦେବା ସହ ସାଧାରଣ ଯାତ୍ରୀଙ୍କ ଯାତାୟାତକୁ ମଧ୍ୟ ଅଧିକ ସୁଗମ ଓ ସୁବିଧାଜନକ କରିବ ବୋଲି ମତ ପ୍ରକାଶ ପାଇଛି। ଉଦ୍ଘାଟନୀ ଉତ୍ସବରେ ସ୍ଥାନୀୟ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ, ବସ୍ ସେବା ସଂସ୍ଥାର ପ୍ରତିନିଧି, ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟ ଏବଂ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଉପସ୍ଥିତ ରହି ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। ସ୍ଥାନୀୟ ଲୋକଙ୍କ ମତରେ, ହରିଶଙ୍କର ପୀଠ ଓ ଶ୍ରୀଜଗନ୍ନାଥ ଧାମ ପୁରୀ ମଧ୍ୟରେ ସିଧାସଳଖ ବସ୍ ସେବା ଆରମ୍ଭ ହେବା ଫଳରେ କେବଳ ଧାର୍ମିକ ଯାତ୍ରା ନୁହେଁ,

ବରଂ ପର୍ଯ୍ୟଟନ, ବାଣିଜ୍ୟ ଓ ଆଞ୍ଚଳିକ ସଂଯୋଗ ମଧ୍ୟ ଅଧିକ ସୁଦୃଢ଼ ହେବ। ଏହି ବସ୍ ସେବାକୁ ପଶ୍ଚିମ ଓଡ଼ିଶାର ଲୋକଙ୍କ ଦୀର୍ଘଦିନର ଦାବି ପୂରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

ଅଧ୍ୟକ୍ଷଙ୍କୁ ଆକ୍ରମଣ, ଆତ୍ମସମର୍ପଣ କଲେ ମୁଖ୍ୟ ଅଭିଯୁକ୍ତ

ଶେରଗଡ,୨୩।୭ : ଗତ ମାର୍ଚ୍ଚ ୧୦ ତାରିଖରେ ଶେରଗଡ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଙ୍କୁ ନିଜ ଅଫିସରେ ବସି ଲୋକଙ୍କ ସହିତ ବିଭିନ୍ନ ସମସ୍ୟା କୁ ନେଇ ଆଲୋଚନା କରୁଥିବା ବେଳେ କିଛି ଦୁର୍ବୃତ୍ତ ଅଧ୍ୟକ୍ଷ ଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଗୁରୁତର ଆହତ ହୋଇଥିଲେ। ଏହା ପରେ ଅଧ୍ୟକ୍ଷଙ୍କୁ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଅବସ୍ଥା ବିଗିଡିବାରୁ ଭୁବନେଶ୍ୱର ର ଏକ ଘରୋଇ ହସପିଟାଲ ରେ ଭର୍ତ୍ତି କରାଯାଇଥିଲା। ଏହି ଘଟଣା ରେ ଅଧ୍ୟକ୍ଷଙ୍କ ପୁଅ ଅଶୋକ ଶେରଗଡ ଥାନାରେ ଅଭିଯୋଗ କରିଥିଲେ। ଘଟଣା ରେ ପ୍ରାୟ ୩୦ ଜଣ ସଂପୃକ୍ତ ଥିବା ନେଇ ଶେରଗଡ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଆଧାର କରି ଶେରଗଡ ପୋଲିସ ଦ୍ୱାରା ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୧୦ ଜଣ ଗିରଫ ହୋଇଛନ୍ତି। ଏହି ଘଟଣାର ମାଷ୍ଟର ମାଇଣ୍ଡ କୁହାଯାଉଥିବା କୁମାରପାଣି ପଞ୍ଚାୟତ ର ସରପଞ୍ଚ ଉଦୟନାଥ ପ୍ରଧାନ ଉକ୍ତ ମାମଲା ରେ ଗିରଫଦାରୀ ରୁ ବର୍ତ୍ତିବା ଲାଗି ହାଇକୋର୍ଟ ରୁ ୨ ଥର ସର୍ତ୍ତମୂଳକ ଜାମିନ ପାଇଥିଲେ। ସର୍ତ୍ତମୂଳକ ଜାମିନ ଅବଧି ଶେଷ ହେବା ପରେ କୋର୍ଟ ଙ୍କ ନିର୍ଦ୍ଦେଶ ଅନୁଯାୟୀ ପୋଲିସ ପାଖରେ ଆତ୍ମସମର୍ପଣ କରିବାର ଥିଲା । ପୁଣି ଥରେ ଉକ୍ତ ମାମଲା ରୁ ଜାମିନ ପାଇବା ଲାଗି ଗତକାଲି ଆସିକା କୋର୍ଟରେ ଜାମିନ ଆବେଦନ କରିଥିଲେ ମଧ୍ୟ ଜାମିନ ଆବେଦନ ଖାରଜ ହୋଇଥିଲା। ଜାମିନ ଆବେଦନ ଖାରଜ ହେବା ପରେ କୁମାରପାଣି ସରପଞ୍ଚ ଉଦୟନାଥ ପ୍ରଧାନ ଗତକାଲି କୋର୍ଟରେ ଆତ୍ମସମର୍ପଣ କରିଥିବା ପୋଲିସ ସୂତ୍ରରୁ ଜଣାପଡିଛି।

ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ନେଇ ବିଜେପିର ପ୍ରତିବାଦ ସୋଭା

ଆଠମଲ୍ଲିକ,୨୩।୭ : କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଇସ୍ତଫା ଦାବୀ କରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦେଇଥିବା ଅଶାଳୀନ ମନ୍ତବ୍ୟ କୁ ନେଇ ବିଜେପି ମହଲ ରେ ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଏହିପରି କଟୁ ମନ୍ତବ୍ୟକୁ ବିରୋଧ କରି ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁଙ୍କ ନେତୃତ୍ୱ ରେ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀ ର ବହୁ ବିଜେପି ନେତା ଏକତ୍ରିତ ହୋଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା ଆୟୋଜନ କରିଥିଲେ । ଏହି ପ୍ରତିବାଦ ସଭାରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ କୁମାର ସାହୁ, ପୂର୍ବତନ ବିଧାୟକ ରମେଶ

ସାଏ, ପୂର୍ବତନ ଏନ ଏ ସି ଚେୟାରମ୍ୟାନ ତଥା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଆଠମଲ୍ଲିକ ନଗର ପ୍ରତିନିଧି ସନ୍ତୋଷ କୁମାର ହୋତା,ପୂର୍ବତନ ବିଜେପି ଜିଲ୍ଲା ସଭାପତି ଦିଲେଶ୍ୱର ପ୍ରଧାନ, ବିଜେପି ନେତା ଚିତ୍ତରଞ୍ଜନ ମେହେର, ଭବାନୀ ପ୍ରସାଦ ଜ୍ୟୋତିଷ ରାୟ, ପ୍ରମୁଖ ଅନୁଗୁଳ ମାଟି ର ପୁଅ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ନୂତନ ଶିକ୍ଷା ନୀତି ଦେଶ ରେ ଆଦୃତ ହୋଇଥିବା ବେଳେ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବୀ କରିବା ଅଜଥାର୍ଥ ବୋଲି କହିବା ସହିତ ବିରୋଧୀ ଦଳ କୁ ନିନ୍ଦା କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ ରେ ସାଂସଦଙ୍କ ପ୍ରତିନିଧି ସରୋଜ ସାହୁ, ପ୍ରକାଶ ସାହୁ,ବିଜେପି ନେତା ଅର୍ଜୁନ ସାହୁ, କାଉନସିଲର ନୂତନ ବେହେରା, ସରପଞ୍ଚ ଭରତ ସାହୁ, ସିଦ୍ଧାର୍ଥ କ୍ଷେତି, ରାଜେଶ ମିଶ୍ର,ସୁଶାନ୍ତ ହୋତା, ଜ୍ଞାନ ରଞ୍ଜନ ପ୍ରଧାନ, ଅବନୀ ପ୍ରଧାନ, ଅର୍ଜୁନ ରାଉଳ, ବିଦ୍ୟୁତ ପାଣିଗ୍ରାହୀ, ମନୋଜ ପ୍ରଧାନ, ରମେଶ ଗୋପାଳ ଙ୍କ ସମେତ ବହୁ ବିଜେପି କର୍ମୀ ଉପସ୍ଥିତ ଥିଲେ । ଶେଷରେ ରାହୁଲ ଗାନ୍ଧୀ ଓ ନବୀନ ପଟ୍ଟନାୟକ ଙ୍କ କୁଶ ପୁତ୍ତଳିକା ଦାହ କରା ଯାଇଥିଲା ।

ଦିଲ୍ଲୀରେ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ଅମାନବୀୟ, ନୃଶଂସ ଆକ୍ରମଣର ପ୍ରତିବାଦରେ

ଏନଟିଏକୁ ରଦ୍ଦ କରିବା ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିକ୍ଷୋଭ

ବ୍ରହ୍ମପୁର,୨୩।୭ : ଦିଲ୍ଲୀରେ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ଅମାନବୀୟ,ନୃଶଂସ ଆକ୍ରମଣର ପ୍ରତିବାଦରେ ତଥା ଏନ ଟି ଏ କୁ ରଦ୍ଦ କରିବା ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଆଜି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏଆଇଡିଏସଓ ଓ ଡିଓ୍ୱାଇଓର ନେତୃତ୍ୱରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଗତ ଏକ ମାସରୁ ଅଧିକ ସମୟ ଧରି ଏନ୍‌ଟିଏ (NTA) ଦ୍ୱାରା ଘଟିଥିବା ପ୍ରଶ୍ନପତ୍ର ଲିକ୍ ଏବଂ ଦୁର୍ନୀତି ବିରୋଧରେ ଦେଶର ଛାତ୍ରଛାତ୍ରୀ, ଯୁବକ-ଯୁବତୀ, ଅଭିଭାବକ ଓ ସାଧାରଣ ଜନତା, ଏହି ଘଟଣା ଉଚ୍ଚ ସ୍ତରୀୟ ତଦନ୍ତ କରି ଦୋଷୀଙ୍କୁ କଠୋର ଦଣ୍ଡ ଦେବା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଦତ୍ୟାଗ କରିବା ଏବଂ ଏନ୍ ?ଟିଏକୁ ଅବିଳମ୍ବେ ବିଲୋପ କରିବା ଦାବିରେ ରାଜଧାନୀ ସମେତ ବିଭିନ୍ନ ସ୍ଥାନରେ ଅବିରତ ଆନ୍ଦୋଳନ କରିଆସୁଛନ୍ତି। ଏହି ଦାବିଗୁଡ଼ିକୁ ନେଇ ବିଶିଷ୍ଟ ବୈଜ୍ଞାନିକ ଓ ପରିବେଶବିତ ସୋନମ ୱାଙ୍ଗଚୁକ ଏବଂ ଅନ୍ୟାନ୍ୟ ଛାତ୍ରଛାତ୍ରୀଙ୍କ ଆମରଣ ଅନଶନ ହେଉଛି ଦେଶର ଛାତ୍ର ସମାଜ, ଅଭିଭାବକ ଏବଂ ଶିକ୍ଷାପ୍ରେମୀ ଜନଗଣଙ୍କ ମଧ୍ୟରେ ବଢ଼ୁଥିବା କ୍ଷୋଭର ଏକ ସ୍ପଷ୍ଟ ପ୍ରତିଫଳନ। ଆନ୍ଦୋଳନର ଧାରାବାହିକରେ ଏହି ସମସ୍ତ ଦାବି ନେଇ

ଗତ ଜୁଲାଇ ୨୦ ତାରିଖରେ ଦିଲ୍ଲୀ, ଜନ୍ତରମନ୍ତରରୁ ସଂସଦ ଯାତ୍ରା ସମୟରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସ ଅମାନବୀୟ ଓ ନୃଶଂସ ଭାବେ ଆକ୍ରମଣ କରିଛି। ଆଜିକୁ ୨୬ ଦିନ ଧରି ଆନ୍ଦୋଳନ ଜାରି ରହିଥିବାବେଳେ ସେମାନଙ୍କ ନ୍ୟାୟସଙ୍ଗତ ଦାବି ପ୍ରତି ସରକାର କର୍ଣ୍ଣପାତ କରୁନାହାଁନ୍ତି। ଏହି କାର୍ଯ୍ୟ କେବଳ ଅଗଣତାନ୍ତ୍ରିକ ନୁହେଁ, ବରଂ ନିଜ ଦେଶର ନାଗରିକଙ୍କ ପ୍ରତି ସରକାରଙ୍କ ସ୍ୱେଚ୍ଛାଚାରୀ ଓ ଅମାନବୀୟ ମନୋଭାବର ପରିଚୟ ଦେଉଛି। ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଓ ପୁଲିସ ପ୍ରଶାସନର ଏହି ପଦକ୍ଷେପକୁ ଏଆଇଡିଏସଓ ଓ ଏଆଇଡିଓ୍ୱାଇଓ ତୀବ୍ର ନିନ୍ଦା କରିବାସହ ଦେଶର ସମସ୍ତ ନାଗରିକଙ୍କୁ, ବିଶେଷକରି ଛାତ୍ର ସମାଜକୁ, ସାହସର ସହ ଆଗକୁ ଆସି ଚାଲିଥିବା ଆନ୍ଦୋଳନକୁ ଆହୁରି ଜୋରଦାର କରିବା ପାଇଁ ଆହ୍ୱାନ ଦେଇଛି। ସରକାର ଭିନ୍ନମତର ସ୍ୱରକୁହ ଦମନ କରିବା ବନ୍ଦ କରନ୍ତୁ ଏବଂ ସୋନମ ୱାଙ୍ଗଚୁକ ଓ ଆନ୍ଦୋଳନକାରୀଙ୍କ ସହ ତୁରନ୍ତ ଆଲୋଚନା ଆରମ୍ଭ କରନ୍ତୁ ବୋଲି ଦୃଢ଼ ଦାବି ଉପସ୍ଥାପନ କରିଛି। ଆଜିକାର କାର୍ଯ୍ୟକ୍ରମରେ ଏଆଇଡିଏସଓ ରାଜ୍ୟ ସଭାପତି ସୋମନାଥ ବେହେରା, ଗଞ୍ଜାମ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ, ସମ୍ପାଦକ ନାରାୟଣ ସାହୁ, ଉପସଭାପତି ଜିଲ୍ଲା କୋଷାଧ୍ୟକ୍ଷ କିସାନ କୁମାର ସାହୁ,ସଭ୍ୟ କାମରାଜ ସାହୁ, ବାମିଆ କୁମାର, ଜଗନ୍ନାଥ ବେହେରା ଏଆଇଡିଓ୍ୱାଇଓର ଜିଲ୍ଲା ନେତୃତ୍ୱ ବିଭୂତି ଭୂଷଣ ସାହୁ, ଅନିଲ ସାହୁ, ସମର ବେହେରା ପ୍ରମୁଖ ନେତୃତ୍ୱ ଦେଇଥିଲେ ।

ଜୁନିୟର ଖୋ-ଖୋ ଚାମ୍ପିୟନସିପ୍ ପାଇଁ ଗଞ୍ଜାମ ଜିଲ୍ଲା ଦଳ ଚୟନ ଶିବିର

ବ୍ରହ୍ମପୁର,୨୩।୭ : 'ଆସନ୍ତା ମାସ ଅଗଷ୍ଟ ୧ ତାରିଖ ଠାରୁ ପୁରୀ ଜିଲ୍ଲା ରେ ୧୪ତମ ରାଜ୍ୟସ୍ତରୀୟ କନିଷ୍ଠ ବର୍ଗ ଉଭୟ ବାଳକ ଓ ବାଳିକା ଖୋ-ଖୋ ଚାମ୍ପିୟନସିପ ଆୟୋଜନ ହେବାକୁ ଯାଉଅଛି। ଏହି ଟୁର୍ନାମେଣ୍ଟ ରେ ବିଭିନ୍ନ ଜିଲ୍ଲା ଅଂଶ ଗ୍ରହଣ କରିବେ ଏଣୁ ଗଞ୍ଜାମ ଜିଲ୍ଲା ବାଳକ ଓ ବାଳିକା ଖୋ-ଖୋ ଦଳ ଚୟନ ଶିବିର ହେବ। ଏହି ଚୟନ ଶିବିର ଚଳିତ ମାସ ଜୁଲାଇ ୨୬ ତାରିଖ ଦିନ ସକାଳ ଆଠ ଘଣ୍ଟିକ ସମୟ ରେ ମହାତ୍ମାଗାନ୍ଧୀ ଷ୍ଟାଡିଅମ, ବ୍ରହ୍ମପୁର ଠାରେ ଆୟୋଜିତ ହେବ ଏବଂ ଖେଳାଳି ଙ୍କ ବୟସ ସୀମା ଅନ୍ତଃ ୩୧/୧୦/୨୦୨୬ ସୁଦ୍ଧା ୧୮ ବର୍ଷୀୟ ହେବା ଆବଶ୍ୟକ। ଖେଳାଳି ମାନେ ନିଜ ଆଧାର କାର୍ଡ, ଜନ୍ମ ପ୍ରମାଣ ପତ୍ର, କୀଟ ସହ ଯୋଗ ଦେବେ, ନାମ ପଞ୍ଜିକରଣ ପାଇଁ ଶ୍ରୀ କେଦାରନାଥ ଚୌଧୁରୀ, ଆଶିଷ କୁମାର ସାହୁ ଙ୍କୁ ଯୋଗାଯୋଗ କରିବାପାଇଁ ଗଞ୍ଜାମ ଜିଲ୍ଲା କ୍ରୀଡା ସଙ୍ଘ ସାଧାରଣ ସମ୍ପାଦକ ଜେ. କାମେଶ୍ୱର ସୂଚନା ଦେଇଛନ୍ତି।

ଗାଡି ଦୁର୍ଘଟଣାରେ ଦୁଗ୍ଧ ଚାଷୀ ମୃତ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ରାସ୍ତାରୋକ

ଆଠମଲ୍ଲିକ,୨୩।୭: ଆଠମଲ୍ଲିକ ଥାନା ଅନ୍ତର୍ଗତ ବାହାଲୀ ଗ୍ରାମରେ ବୁଧବାର ସନ୍ଧ୍ୟାରେ ଏକ ପିକଅପ ଗାଡି ଦୁର୍ଘଟଣା ରେ ଜୈନେକ ଦୁଗ୍ଧଚାଷୀ ତ୍ରିନାଥ ନାଏକ(୫୬) ଙ୍କ ମୃତ୍ୟୁ ଘଟିଥିବା ଜଣାଯାଇଛି । ଉତ୍ୟକ୍ତ ଗ୍ରାମବାସୀ ମୃତଦେହ କୁ ରାସ୍ତା ଉପରେ ରଖି ରାସ୍ତାରୋକ କରିଥିଲେ କ୍ଷ ଖବର ପାଇ ସ୍ଥାନୀୟ ତହସିଲଦାର ପ୍ରସନ୍ନ ଟେଟେ, ଆଠମଲ୍ଲିକ ଥାନା ଭାରପ୍ରାପ୍ତ ଅଧିକାରୀ ପି ସ୍ୱରୂପ କିସାନ ଘଟଣା ସ୍ଥଳରେ ପହଂଚି ଉତ୍ୟକ୍ତ ଗ୍ରାମବାସୀ ଙ୍କୁ ବୁଝାସୁଝା କରିଥିଲେ । ତହସିଲଦାର ମୃତ ତ୍ରିନାଥ ର ପରିବାର କୁ ରେଡ଼କ୍ରସ ରୁ ୧୦ ହଜାର ଟଙ୍କା ଅନୁଦାନ ପ୍ରଦାନ କରିଥିଲେ । ପୁଲିସ ଶବ କୁ ଜବତ କରି ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରିଛି । ଦୁର୍ଘଟଣା ଘଟାଇଥିବା ପିକଅପ ଭ୍ୟାନ ଗାଡିକୁ ପୁଲିସ ଜବତ କରି ତଦନ୍ତ କରୁଥିବା ଜଣାଯାଇଛି କ୍ଷ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣଙ୍କ ନେତୃତ୍ୱ ରେ ମୃତକଙ୍କ ପରିବାର କୁ ମୁଖ୍ୟମନ୍ତ୍ରୀ ଙ୍କ କଲ୍ୟାଣ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଅନୁଦାନ ପାଇଁ ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟ ରେ ଏକ ଦାବିପତ୍ର ତହସିଲଦାରଙ୍କ ମାଧମରେ ପ୍ରଦାନ କରାଯାଇଥିବା ଜଣାଯାଇଛି ।

ଭତ୍ତା, ରାସନ୍ କାର୍ଡ ସମେତ ୯ ଦଫା ଦାବି ନେଇ ଦାବିପତ୍ର

ବି. ଭି. ଗିରି ଓ ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନେଇ ମଞ୍ଚର ପ୍ରସ୍ତାବ

ବ୍ରହ୍ମପୁର,୨୩।୭ : ସମାଜବାଦୀ ଅନୁଷ୍ଠାନ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଆଜି ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କ ଜରିଆରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚ ଆବାହକ ତଥା ଆଇନଜୀବୀ ଅବନୀ ଗୟାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କମିଶନରଙ୍କ ଅନୁପସ୍ଥିତିରେ ଡେପୁଟି କମିଶନର ଆଶୀର୍ବାଦ ପରିଡ଼ାଙ୍କୁ ଭେଟି ବ୍ରହ୍ମପୁର ସହରରେ ଦୀର୍ଘଦିନ ଧରି ଲାଗି ରହିଥିବା ମୌଳିକ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ଦାବି କରିଛନ୍ତି। ଦରଦାମ ବୃଦ୍ଧିକୁ ଦୃଷ୍ଟିରେ ରଖି ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ଓ ବିଧବା ଭତ୍ତାର ରାଶି ତୁରନ୍ତ ବୃଦ୍ଧି କରିବା, ଗତ ୨ ବର୍ଷ ଧରି ସ୍ଥଗିତ ଥିବା ପ୍ରାୟ ପାଞ୍ଚ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରିବା, ଦୀର୍ଘ ମାସ ଧରି ଅପେକ୍ଷା କରିଥିବା ଆବେଦନକାରୀଙ୍କୁ ତୁରନ୍ତ ରାସନ୍ କାର୍ଡ ଦିଆଯିବା, କୋଭିଡ ସମୟରେ ବିନା ମୁନିସପାଲ କାଉନସିଲରେ

ବୃଦ୍ଧି କରାଯାଇଥିବା ଘର ଟିକସକୁ ପ୍ରତ୍ୟାହାର କରିବା, ସହରରେ ମୃତ ପଶୁଙ୍କ ଶରୀର ଦହନ ନିମନ୍ତେ ବୈଦ୍ୟୁତିକ ଦହନ ଯନ୍ତ୍ର ସ୍ଥାପନ କରିବା, ବ୍ରହ୍ମପୁର ସହର ବାହାରେ ଅବସ୍ଥିତ ବିଭିନ୍ନ ଗୋଶାଳକ୍ଷ ରେ ସିସି ଟିଭି ଲଗାଇ ପଶୁଙ୍କ ଯତ୍ନ ଓ ସୁରକ୍ଷାର ନିୟମିତ ତଦାରଖ କରାଯିବା,ପରିବେଶ ଓ ପଶୁଙ୍କ ଜୀବନ ରକ୍ଷା ପାଇଁ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା, ବ୍ରହ୍ମପୁରର ଗର୍ବ ତଥା ପୂର୍ବତନ ରାଷ୍ଟ୍ରପତି ଡ. ବରାହାଗିରି ଭେଙ୍କଟ ଗିରିଙ୍କ ଏକ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ଗିରିରୋଡ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ସ୍ଥାପନ କରିବା,ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ନବକୃଷ୍ଣ ଚୌଧୁରୀଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ କରିବା ଆଦି ୯ ଗୋଟି ପ୍ରମୁଖ ଦାବୀ ଉପସ୍ଥାପନ କରଯାଇଛି । ସୂଚନା ଯୋଗ୍ୟ ଯେ, ଡ. ବି.ଭି.ଗିରି ଭାରତର ଚତୁର୍ଥତମ ରାଷ୍ଟ୍ରପତି ଥିଲେ । ବ୍ରହ୍ମପୁରର ସନ୍ତାନ ତଥା ବ୍ରହ୍ମପୁର ଗର୍ବ ବୋଲି ସେ ଜନ ମାନସରେ ପରିଚିତ । ସେ ଭାରତର ସବୁଠାରୁ ବଡ ଶ୍ରମିକ ନେତାମାନଙ୍କ ମଧ୍ୟରୁ ଜଣେ। ସେ ସର୍ବ ଭାରତୀୟ ଟ୍ରେଡ୍ ୟୁନିଅନ କଂଗ୍ରେସର ସଭାପତି ଥିଲେ। ଗାନ୍ଧୀଜୀଙ୍କ ଆଦର୍ଶରେ ପ୍ରଭାବିତ ହୋଇ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ମାଦ୍ରାସ ପ୍ରେସିଡେନ୍ସିରେ ଶ୍ରମ, ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ଥିଲେ। ସେ ଉତ୍ତର ପ୍ରଦେଶ, କେରଳ ଓ ମହୀଶୂରର ରାଜ୍ୟପାଳ ଭାବେ କାମ କରିଥିଲେ। ଓଡ଼ିଶାର ଲୋକଙ୍କ ସମସ୍ୟାକୁ ସେଠାରେ ବି ଉଠାଉଥିଲେ। ଭାରତରେ ଶ୍ରମ ଆଇନ ଓ ଶ୍ରମିକଙ୍କ ଅଧିକାର ପାଇଁ ସେ ଯେଉଁ କାମ କଲେ ତାହାର ଫାଇଦା ବ୍ରହ୍ମପୁର ବୁଣା ଶ୍ରମିକ ଓ କାରଖାନା ଶ୍ରମିକମାନେ ବି ପାଇଥିଲେ । ୧୯୬୯ ରେ ସେ ଭାରତର ମହାମହିମ ରାଷ୍ଟ୍ରପତି ହୋଇଥିଲେ। ଜଣେ ଓଡ଼ିଆ ଭାବେ ସମଗ୍ର ଦେଶର ସର୍ବୋଚ୍ଚ ପଦବୀକୁ ଯାଇ ବ୍ରହ୍ମପୁରର ନାମ ଉଜ୍ଜ୍ୱଳ କରିଥିଲେ। ଡ. ଗିରି ବ୍ରହ୍ମପୁରକୁ ଦେଶ ଓ ବିଶ୍ୱର ମାନଚିତ୍ରରେ ପହଞ୍ଚାଇଲେ । ତାଙ୍କ ନାମରେ ବ୍ରହ୍ମପୁର ସହରରେ ସ୍କୁଲ ଓ ରାସ୍ତା ଅଛି ସତ ହେଲେ ତାଙ୍କ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ନିହାତି ଆବଶ୍ୟକ ବୋଲି ମଞ୍ଚ ପ୍ରତିନିଧି ମାନେ ଆଜି ଯୁକ୍ତି ବାଢିଥିଲେ । ଆଜି ମଞ୍ଚର ପ୍ରତିନିଧି ଦଳରେ ସମ୍ପାଦକ ଆର ସତ୍ୟ ନାରାୟଣ ରାଓ,ଉପଦେଷ୍ଟା ସକ୍ଷଲକ୍ଷ କେଶବ ଲିଙ୍ଗମ,ସମାଜସେବୀ ମନୋଜ କୁମାର ତରାଇ, ଆପ୍ ନେତା ଆଦିତ୍ୟ ନାରାୟଣ ରଥ, କିଶୋର ଚନ୍ଦ୍ର ପାତ୍ର, ଗୁଣନିଧି ବେହେରା,ମହେଶ୍ୱର ବାଡତ୍ୟା, ପୂଜ୍ୟ ପୂଜା ସମିତି ସମ୍ପାଦକ ଏସ. ସାମ୍ବଶିବା ରାଓ, ଜୟକୃଷ୍ଣ ନାୟକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

ମାନ୍ୟବର ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଦିନିକିଆ କେନ୍ଦ୍ରାପଡ଼ା ଗସ୍ତ

ରାସନ କାର୍ଡ ବଣ୍ଟନ ସହ ଖାଦ୍ୟ ସୁରକ୍ଷା, ଖାଉଟି କଲ୍ୟାଣ ଓ କୃଷକ ସ୍ୱାର୍ଥ ସମ୍ପର୍କିତ ସମୀକ୍ଷା ବୈଠକ

କେନ୍ଦ୍ରାପଡ଼ା,୨୩।୭ : ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ବିଜ୍ଞାନ ଓ ବୈଷୟିକ ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ଦିନିକିଆ କେନ୍ଦ୍ରାପଡ଼ା ଗସ୍ତରେ ଆସି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ହିତାଧିକାରୀମାନଙ୍କୁ ରାସନ କାର୍ଡ ବଣ୍ଟନ କରିବା ସହିତ ଖାଦ୍ୟ ସୁରକ୍ଷା, ଖାଉଟି କଲ୍ୟାଣ ଓ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଏକ ସମୀକ୍ଷା ବୈଠକ କରିଥିଲେ। ଏହି ଅବସରରେ ମାନ୍ୟବର ମନ୍ତ୍ରୀ କହିଥିଲେ ଯେ, ରାଜ୍ୟ ସରକାର ଖାଦ୍ୟ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ କାର୍ଯ୍ୟ କରୁଛନ୍ତି। ରାଜ୍ୟର କୌଣସି ଲୋକ ଯେପରି ଭୋକିଲା ନ ରହନ୍ତି ସେଥିପାଇଁ ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ (NFSA) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା (SFSS) ମାଧ୍ୟମରେ ଯୋଗ୍ୟ ହିତାଧିକାରୀମାନଙ୍କୁ ଖାଦ୍ୟଶସ୍ୟ ପ୍ରଦାନ କରାଯାଉଛି। ବର୍ତ୍ତମାନ ହିତାଧିକାରୀମାନେ ମୁଣ୍ଡପିଛା ୧୦ କିଲୋଗ୍ରାମ ଚାଉଳ ପାଉଥିବା ବେଳେ ସରକାରଙ୍କ ଲକ୍ଷ୍ୟ ହେଉଛି ଏକ 'ଭୋକମୁକ୍ତ ଓ ଦୁର୍ନୀତିମୁକ୍ତ ଓଡ଼ିଶା' ଗଠନ କରିବା। ମାନ୍ୟବର ମନ୍ତ୍ରୀ ସୁଭଦ୍ରା ଯୋଜନା ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନାର ସଫଳ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରି କହିଥିଲେ ଯେ, ଲୋକଙ୍କ ସର୍ବାଙ୍ଗୀନ ଉନ୍ନତି ଓ ସାମାଜିକ ସୁରକ୍ଷା ସୁନିଶ୍ଚିତ କରିବା ରାଜ୍ୟ ସରକାରଙ୍କ ମୂଳ ଲକ୍ଷ୍ୟ। ସରକାରଙ୍କ ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ତୃଣମୂଳ ସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରିବା ପାଇଁ ସେ ସମ୍ପୃକ୍ତ ବିଭାଗଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସେ ଖାଦ୍ୟ ଯୋଗାଣ, ଖାଉଟି ସୁରକ୍ଷା ଓ କୃଷକଙ୍କ ସ୍ୱାର୍ଥ ସହ ଜଡିତ ବିଭିନ୍ନ ବିଷୟର ସମୀକ୍ଷା କରିଥିଲେ। ବିଶେଷକରି ଓଜନ ଓ ପରିମାପ ବିଭାଗକୁ ନିୟମିତ ଯାଞ୍ଚ ଓ ଚଢ଼ାଉକୁ ଅଧିକ ଜୋରଦାର କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ପେଟ୍ରୋଲ ପମ୍ପ, ସୁନା ଦୋକାନ ଓ ଅନ୍ୟାନ୍ୟ ବାଣିଜ୍ୟିକ ପ୍ରତିଷ୍ଠାନରେ ଉପଭୋକ୍ତାମାନେ ଯେପରି ସଠିକ୍ ପରିମାଣ ଓ ଗୁଣବତ୍ତାର ସାମଗ୍ରୀ ପାଇପାରିବେ, ସେନେଇ ସଚେତନତା ସୃଷ୍ଟି କରିବା ସହ ନିୟମିତ ତଦାରଖ କରିବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି, ଚାଷୀ ପଞ୍ଜିକରଣ କାର୍ଯ୍ୟକୁ ସ୍ୱଚ୍ଛ ଓ ସଠିକ୍ ଭାବେ ସମ୍ପନ୍ନ କରିବା, ପ୍ରକୃତ ଚାଷୀମାନେ ଯେପରି ସରକାରୀ ସୁବିଧା ପାଇପାରିବେ ତାହା ନିଶ୍ଚିତ କରିବା ଏବଂ ଚାଷୀମାନଙ୍କୁ ଗୁଣାତ୍ମକ ସାର ସମୟାନୁସାରେ ଯୋଗାଇ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। କୃଷକଙ୍କ ସ୍ୱାର୍ଥ ସୁରକ୍ଷା ଓ କୃଷି ଉତ୍ପାଦନ ବୃଦ୍ଧି ଦିଗରେ ସମସ୍ତ ସମ୍ପୃକ୍ତ ବିଭାଗକୁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ପାଇଁ ସେ ପରାମର୍ଶ ଦେଇଥିଲେ।

ରାଜନଗରରେ ବିଏଲବିସି ବୈଠକ ଓ ଋଣ ବିତରଣ କାର୍ଯ୍ୟକ୍ରମ

୯ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧ କୋଟି ଋଣ ସ୍ୱୀକୃତି

କେନ୍ଦ୍ରାପଡ଼ା,୨୩।୭ : ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ଆଜି ରାଜନଗର ବ୍ଲକ କନଫରେନ୍ସ ହଲ୍‌ରେ Block Level Bankers' Committee (BLBC) ବୈଠକ ଅନୁଷ୍ଠିତ ହୋଇଥିଲା। ଏହାପରେ Bank of Baroda, Chandibaunshamula ଶାଖା ପରିସରରେ ଋଣ ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ୯ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମୋଟ ୧

କୋଟି ଟଙ୍କାର ଋଣ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଏହି ଋଣ ସହାୟତା ମାଧ୍ୟମରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ନିଜସ୍ୱ ଉଦ୍ୟମକୁ ଆହୁରି ବିସ୍ତାର କରିବା ସହିତ ଆୟବୃଦ୍ଧିମୂଳକ କାର୍ଯ୍ୟକଳାପକୁ ଗତିଶୀଳ କରିପାରିବେ। କାର୍ଯ୍ୟକ୍ରମରେ ଲିଡ୍ ଡିଷ୍ଟ୍ରିକ୍ଟ ମ୍ୟାନେଜର (LDM) ରମାକାନ୍ତ ମାଝୀ, ଡିପିସି ମିଶନ ଶକ୍ତି ଆରତୀ ସାହୁଙ୍କ ସମେତ ବ୍ୟାଙ୍କର ଅଧିକାରୀବୃନ୍ଦ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ଉପସ୍ଥିତ ଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ଓ ବ୍ୟାଙ୍କ ମଧ୍ୟରେ ସଫଳ ସଂଯୋଗକୁ ଆହୁରି ସୁଦୃଢ଼ କରିବା ସହ ମହିଳାମାନଙ୍କ ଆର୍ଥିକ ସଶକ୍ତିକରଣ ପ୍ରତି ସମସ୍ତଙ୍କ ଦୃଢ଼ ଅଙ୍ଗୀକାର ଏହି କାର୍ଯ୍ୟକ୍ରମରେ ପୁନର୍ବ୍ୟକ୍ତ କରାଯାଇଥିଲା।

ବର୍ଷକରେ ମାତ୍ର ୨୧ ଲକ୍ଷର କାମ | କୋକସରା କ୍ଷୁଦ୍ର ଜଳସେଚନ ବିଭାଗରେ ମନ୍ଥର ପ୍ରଗତିର ପର୍ଦ୍ଦାଫାସ

- କୋଟି କୋଟିର ପ୍ରକଳ୍ପ ଅନୁମୋଦିତ
- ଚାଷୀଙ୍କ କ୍ଷେତକୁ ପହଞ୍ଚୁନି ସୁବିଧା

କଳାହାଣ୍ଡି,୨୩।୭ : କୃଷିପ୍ରଧାନ କୋକସରା ବ୍ଲକରେ କ୍ଷୁଦ୍ର ଜଳସେଚନ ବିଭାଗର କାର୍ଯ୍ୟପ୍ରଗତିକୁ ନେଇ ଏବେ ଚାଷୀ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଗତ ଏକ ବର୍ଷ ମଧ୍ୟରେ ସମଗ୍ର ବ୍ଲକରେ କେବଳ ୨୧ ଲକ୍ଷ ଟଙ୍କା ବ୍ୟୟରେ କେନାଲ ମରାମତି କାମ କରାଯାଇଛି। ଏଥିରେ ବୋବରିଆ ଗ୍ରାମରେ ୧୩ ଲକ୍ଷ ଟଙ୍କା ଏବଂ ସିଉନୀ ଗ୍ରାମରେ ୮ ଲକ୍ଷ ଟଙ୍କା ବ୍ୟୟର କାମ ସାମିଲ ରହିଛି। କୋକସରା ପରି ବୃହତ୍ କୃଷି ଅଞ୍ଚଳରେ ଏତିକି ବ୍ୟୟକୁ ନେଇ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ ବୋଲି ଚାଷୀମାନେ କହୁଛନ୍ତି। କ୍ଷୁଦ୍ର ଜଳସେଚନ ବିଭାଗର ମୂଳ ଦାୟିତ୍ୱ କେବଳ କେନାଲ ମରାମତିରେ ସୀମିତ ନୁହେଁ। ଛୋଟ ବନ୍ଧ, ଜଳାଶୟ ଓ ଡ୍ୟାମର ନିର୍ମାଣ, ପୁନରୁଦ୍ଧାର, କେନାଲ ଓ ନାଳରୁ ପଙ୍କ ଉଦ୍ଧାର, ପାଣି ପଞ୍ଚାୟତ ମାଧ୍ୟମରେ ଜଳର ସୁଷମ ବଣ୍ଟନ ଏବଂ ଜଳ ସଂରକ୍ଷଣ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ କାମ ଏହି ବିଭାଗ ଅଧୀନରେ ରହିଛି। ତଥାପି ଗତ ବର୍ଷର କାର୍ଯ୍ୟପ୍ରଗତି ଦେଖିଲେ ଏହି ସବୁ କ୍ଷେତ୍ରରେ ଆଶାନୁରୂପ କାର୍ଯ୍ୟ ହୋଇନଥିବା ଭଳି ଚିତ୍ର ସାମ୍ନାକୁ ଆସୁଛି। କୋକସରା ବ୍ଲକରେ ବେହେରା ଡ୍ୟାମ୍, ମୋଡୋସିଲ ବନ୍ଧ, ଅଠରନଳା ଜଳସେଚନ ପ୍ରକଳ୍ପ ସମେତ ଅନେକ ଜଳସେଚନ ଭିତ୍ତିଭୂମି ରହିଛି। ପ୍ରତିବର୍ଷ ଏହି ସବୁ ପ୍ରକଳ୍ପର ରକ୍ଷଣାବେକ୍ଷଣ, ପୁନରୁଦ୍ଧାର ଓ କେନାଲ ସଫେଇ କାର୍ଯ୍ୟ ନିୟମିତ ହେବା ଦରକାର। କିନ୍ତୁ ବାସ୍ତବରେ ଅନେକ ସ୍ଥାନରେ କେନାଲରେ ପଙ୍କ ଜମି ରହିବା, ଜଳ ପ୍ରବାହ ବାଧାପ୍ରାପ୍ତ ହେବା ଏବଂ ପୁରୁଣା ପ୍ରକଳ୍ପଗୁଡ଼ିକର ସ୍ଥିତି ଅବନତି ଘଟୁଥିବା ନେଇ ଚାଷୀମାନେ ଅଭିଯୋଗ କରୁଛନ୍ତି। ବିଶେଷକରି ବେହେରା ଡ୍ୟାମର ପୁନରୁଦ୍ଧାର ଦାବି ଦୀର୍ଘଦିନ ଧରି ଉଠିଆସୁଥିଲେ ମଧ୍ୟ ଏହାର କାର୍ଯ୍ୟ ଆରମ୍ଭ ହୋଇନଥିବାରୁ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ନିରାଶା ବଢ଼ିଛି। ବର୍ଷା ପରେ ଜଳ ସଂରକ୍ଷଣ ଓ ରବି ଫସଲ ପାଇଁ ଜଳ ଯୋଗାଣ ଏହି ପ୍ରକଳ୍ପଗୁଡ଼ିକ ଉପରେ ନିର୍ଭର କରୁଥିବାରୁ ସମୟୋପଯୋଗୀ ମରାମତି ଅତ୍ୟନ୍ତ ଜରୁରୀ ବୋଲି କୃଷକମାନେ କହୁଛନ୍ତି। ଅନ୍ୟପଟେ ବିଭାଗ ପକ୍ଷରୁ ଭବିଷ୍ୟତରେ ଉନ୍ନତି ପାଇଁ କିଛି ବଡ଼ ପ୍ରକଳ୍ପର ଯୋଜନା କରାଯାଇଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଧାମନଧର ଏମ୍ଆଇପି, ବଡ଼କେନ୍ଦୁଗୁଡ଼ା, ସିଉନୀ ଏବଂ ଅଠରନଳା ଏମ୍ଆଇପିର ଉନ୍ନତି ପାଇଁ ସରକାରଙ୍କ ଅନୁମୋଦନ ମିଳିସାରିଛି। ଏହି ସବୁ ପ୍ରକଳ୍ପ ପାଇଁ ପ୍ରାୟ ୨ କୋଟି ୧୮ ଲକ୍ଷ ୭୮ ହଜାର ୬୩୦ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହାଛଡ଼ା ଅନ୍ୟ କେତେକ ନୂତନ ପ୍ରକଳ୍ପ ପାଇଁ ମଧ୍ୟ ସରକାରଙ୍କ ନିକଟକୁ ପ୍ରସ୍ତାବ ପଠାଯାଇଥିବା ବିଭାଗ କହିଛି। ତେବେ ଚାଷୀଙ୍କ ପ୍ରଶ୍ନ ହେଉଛି—ଅନୁମୋଦନ ମିଳିଥିଲେ ମଧ୍ୟ କାମ କେବେ ଆରମ୍ଭ ହେବ? ଅର୍ଥ କେବେ ମୁକ୍ତ ହେବ? ଏବଂ ପ୍ରକଳ୍ପଗୁଡ଼ିକ କେବେ ଶେଷ ହୋଇ ଚାଷୀଙ୍କ ଜମିକୁ ଜଳ ପହଞ୍ଚିବ? ଏହି ପ୍ରଶ୍ନର ସ୍ପଷ୍ଟ ଉତ୍ତର ବର୍ତ୍ତମାନ ସୁଦ୍ଧା ମିଳିନାହିଁ। କୋକସରା ବ୍ଲକରେ ହଜାର ହଜାର ହେକ୍ଟର ଚାଷଜମି ଜଳସେଚନ ବ୍ୟବସ୍ଥା ଉପରେ ନିର୍ଭରଶୀଳ। ଏପରି ସ୍ଥିତିରେ ବର୍ଷକରେ କେବଳ ୨୧ ଲକ୍ଷ ଟଙ୍କାର କାମ ହେବା ଏବଂ ବହୁ ପ୍ରକଳ୍ପ କାଗଜପତ୍ରରେ ସୀମିତ ରହିବା ଘଟଣା ବିଭାଗର କାର୍ଯ୍ୟପ୍ରଣାଳୀକୁ ନେଇ ସ୍ୱାଭାବିକ ଭାବେ ପ୍ରଶ୍ନ ସୃଷ୍ଟି କରୁଛି। ତେବେ ଏହି ତଥ୍ୟ ମାତ୍ରରୁ ଅନିୟମିତତା ପ୍ରମାଣିତ ହୁଏ ନାହିଁ; ଏହା ବିଭାଗର କାର୍ଯ୍ୟପ୍ରଗତିକୁ ନେଇ ଉଠୁଥିବା ପ୍ରଶ୍ନକୁ ଉପସ୍ଥାପନ କରୁଛି। ଚାଷୀ ଓ ସ୍ଥାନୀୟ ବୁଦ୍ଧିଜୀବୀମାନଙ୍କ ଦାବି, ଉଚ୍ଚ କର୍ତ୍ତୃପକ୍ଷ ଏହି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମୀକ୍ଷା କରି ଅନୁମୋଦିତ ଅର୍ଥ ଶୀଘ୍ର ମୁକ୍ତ କରିବା ସହ କାର୍ଯ୍ୟକୁ ତ୍ୱରାନ୍ୱିତ କରନ୍ତୁ।

ଅନଲାଇନ୍ ପେମେଣ୍ଟ ନାଁରେ ଠକେଇ

ବ୍ୟବସାୟୀଙ୍କ ଅଭିଯୋଗ ପରେ ଥାନାରେ ଏତଲା

ଟିଟିଲାଗଡ,୨୩।୭ : ଟିଟିଲାଗଡ଼ ସହରରେ ଅନଲାଇନ୍ ପେମେଣ୍ଟ ନାଁରେ ଏକ ଠକେଇ ଘଟଣା ସାମ୍ନାକୁ ଆସିଛି । ସହରର ତିନୋଟି ପ୍ରମୁଖ ବ୍ୟବସାୟିକ ପ୍ରତିଷ୍ଠାନରୁ ସାମଗ୍ରୀ କିଣି ନକଲି ପେମେଣ୍ଟ ସ୍କ୍ରିନସଟ୍ ଦେଖାଇ ଠକେଇ କରାଯାଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ବଲାଙ୍ଗିର ଅଞ୍ଚଳର ଜଣେ ବ୍ୟକ୍ତି ଟିଟିଲାଗଡ଼ର ୟୁନିଭର୍ସାଲ ରେଡିଓ ସର୍ଭିସ, ପ୍ରଦୀପ ଦେ କ୍ଲଥ୍ ଷ୍ଟୋର ଏବଂ ପୂଜା ବସ୍ତ୍ରାଳୟରୁ ପ୍ରାୟ ତିନି ହଜାର ଟଙ୍କା ମୂଲ୍ୟର ସାମଗ୍ରୀ କ୍ରୟ କରିଥିଲେ । ପରେ ସେ ଅନଲାଇନ୍ ପେମେଣ୍ଟ କରିଥିବା କହି ଏକ ସ୍କ୍ରିନସଟ୍ ଦେଖାଇଥିଲେ ଏବଂ ନିଜକୁ ଜିଏସ୍ ?ଟି କାର୍ଯ୍ୟାଳୟର କର୍ମଚାରୀ ବୋଲି ପରିଚୟ ଦେଇ ବ୍ୟବସାୟୀଙ୍କ ବିଶ୍ୱାସ ହାସଲ କରିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଦୋକାନୀମାନଙ୍କ ଖାତାକୁ କୌଣସି ଅର୍ଥ ଆସିନଥିବା ଜଣାପଡ଼ିଥିଲା । ଏନେଇ ଯୋଗାଯୋଗ କରିବା ପରେ ସେ ବ୍ୟକ୍ତି ଟଙ୍କା ଦେବାକୁ କହି ସମୟ ଗଡ଼ାଉଥିବା ଅଭିଯୋଗ ହୋଇଛି । ଘଟଣା ସମ୍ପର୍କରେ ବିଭିନ୍ନ ବ୍ୟବସାୟୀଙ୍କ ମଧ୍ୟରେ ଆଲୋଚନା ହେବା ପରେ ଟିଟିଲାଗଡ଼ ମର୍ଚ୍ଚାଣ୍ଟସ୍ ଆସୋସିଏସନ୍‌ର ହ୍ୱାଟସ୍ଆପ୍ ଗ୍ରୁପ୍‌ରେ ସମ୍ପୃକ୍ତ ବ୍ୟକ୍ତିଙ୍କ ସିସିଟିଭି ଫୁଟେଜ୍ ସେୟାର କରାଯାଇଥିଲା । ପରେ ଆସୋସିଏସନ୍‌ର ସଭାପତି ଶମ୍ଭୁ ପ୍ରସାଦ ଗୋଏଲ, ସମ୍ପାଦକ ଗୋପାଳ ଜୈନ, ଉପ-ସଭାପତି ସଞ୍ଜୟ ସୋନିଙ୍କ ସମେତ ଅନ୍ୟ ସଦସ୍ୟମାନେ ଟିଟିଲାଗଡ଼ ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି । ବ୍ୟବସାୟୀ ସଂଘ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ ଶୀଘ୍ର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ସହ ଭବିଷ୍ୟତରେ ଏପରି ଠକେଇ ରୋକିବାକୁ ଦାବି କରାଯାଇଛି । ଏହାସହ ବ୍ୟବସାୟୀମାନଙ୍କୁ ସତର୍କ କରି କୁହାଯାଇଛି ଯେ, କେବଳ ପେମେଣ୍ଟ ସ୍କ୍ରିନସଟ୍ ଦେଖି ସାମଗ୍ରୀ ନଦେଇ, ପ୍ରଥମେ ବ୍ୟାଙ୍କ ଖାତା କିମ୍ବା ୟୁପିଆଇ ଆପ୍‌ରେ ଟଙ୍କା ପହଞ୍ଚିଥିବା ନିଶ୍ଚିତ କରିବା ଆବଶ୍ୟକ ।

ନିଶାରେ ମାନବିକତା ହଜିଗଲା

ମଦ ପିଇବାକୁ ଟଙ୍କା ନ ଦେବାରୁ ବନ୍ଧୁକ ଦେଖାଇ ଧମକ, ଅଭିଯୁକ୍ତ ଗିରଫ

ଖପ୍ରାଖୋଲ,୨୩।୭ : ମଦ ନିଶା ମଣିଷର ବିବେକକୁ କିପରି ନଷ୍ଟ କରିଦିଏ ଏବଂ ସାମାନ୍ୟ କଥାକୁ କିପରି ଜୀବନଘାତୀ ପରିସ୍ଥିତିରେ ପରିଣତ କରିଦିଏ, ତାହାର ଏକ ଉଦାହରଣ ବଲାଙ୍ଗୀର ଜିଲ୍ଲା ଲାଠୋର ଥାନା ଅନ୍ତର୍ଗତ ବର୍ଡିଆ ଗ୍ରାମରେ ଦେଖିବାକୁ ମିଳିଛି। ମାତ୍ର କିଛି ଟଙ୍କାରେ ମଦ ପିଇବାର ନିଶା ଜଣେ ବ୍ୟକ୍ତିଙ୍କୁ ଏପରି ସ୍ଥିତିକୁ ନେଇଗଲା ଯେ, ସେ ଦେଶୀ ବନ୍ଧୁକ ଧରି ଅନ୍ୟ ଜଣଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଖବର ପାଇ ଲାଠୋର ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ବନ୍ଧୁକ ଓ ଜୀବନ୍ତ ଗୁଳି ଜବତ କରିଛି। ସୂଚନା ଅନୁଯାୟୀ, ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ବର୍ଡିଆ ଗ୍ରାମର ଉଜ୍ଜ୍ୱଳ ନାଗ (୫୪) ମଙ୍ଗଳବାର ସକାଳେ ସେହି ଗ୍ରାମର ଲିଙ୍ଗରାଜ ନାଗଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀଙ୍କଠାରୁ ମଦ ପିଇବା ପାଇଁ ୧୦୦ ଟଙ୍କା ମାଗି ନେଇଥିଲେ। ପରେ ସନ୍ଧ୍ୟାବେଳେ ସେ ପୁଣିଥରେ ଲିଙ୍ଗରାଜଙ୍କ ଘରକୁ ଆସି ମଦ ପିଇବା ପାଇଁ ଟଙ୍କା ଦାବି କରିଥିଲେ। ଲିଙ୍ଗରାଜ ଏହାକୁ ବିରୋଧ କରି ତାଙ୍କୁ ଘରକୁ ଫେରିଯିବାକୁ କହିଥିଲେ। କିନ୍ତୁ ଉଜ୍ଜ୍ୱଳ ତାହା ନ ଶୁଣିବାରୁ ଉଭୟଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ବଚସା ଉଗ୍ର ରୂପ ନେବା ପରେ ଉଜ୍ଜ୍ୱଳ ନାଗ ନିଜ ଘରକୁ ଯାଇ ଏକ ୬୫ ଏମ୍.ଏମ୍. ଦେଶୀ ବନ୍ଧୁକ ଆଣି ଲିଙ୍ଗରାଜ ନାଗଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଘଟଣା ପରେ ବୁଧବାର ସକାଳୁ ଲିଙ୍ଗରାଜ ନାଗ ଲାଠୋର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲାଠୋର ପୋଲିସ ତୁରନ୍ତ ବର୍ଡିଆ ଗ୍ରାମରେ ପହଞ୍ଚି ଅଭିଯୁକ୍ତଙ୍କୁ କାବୁ କରିଥିଲା। ତାଙ୍କ ନିକଟରୁ ଏକ ଦେଶୀ ସିଙ୍ଗଲ୍ ବୋର ବନ୍ଧୁକ ଓ ୩୦ ଗ୍ରାମ ବିଶିଷ୍ଟ ଗୋଟିଏ ଜୀବନ୍ତ ଗୁଳି ଜବତ କରାଯାଇଥିଲା। ଏହି ଘଟଣାରେ ଲାଠୋର ଥାନାରେ କେସ୍ ନଂ–୧୩୫/୨୦୨୬ ରୁଜୁ କରାଯାଇ ଭାରତୀୟ ନ୍ୟାୟ ସଂହିତା (BNS) ର ଧାରା ୩୩୩, ୨୯୬, ୩୫୧(୨), ୭୪, ୧୦୯(୧), ୩(୫) ସହ ଅସ୍ତ୍ର ଆଇନର ଧାରା ୨୫ ଓ ୨୭ ଅନୁଯାୟୀ ମାମଲା ଦାଖଲ କରାଯାଇଛି। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଲାଠୋର ଥାନାଧିକାରୀ ଅଭିନାଶ ପଧାନ ସୂଚନା ଦେଇଛନ୍ତି। ମାମଲାର ତଦନ୍ତ ଏସ୍.ଆଇ. ଶେଷଦେବ ସେଠ କରୁଛନ୍ତି। ଏହି ଘଟଣା କେବଳ ଏକ ଅପରାଧିକ ମାମଲା ନୁହେଁ, ବରଂ ସମାଜ ପାଇଁ ଏକ ସତର୍କ ସଙ୍କେତ। ମଦ ନିଶା ମଣିଷର ଚିନ୍ତାଶକ୍ତି, ସଂଯମ ଓ ମାନବିକତାକୁ କ୍ଷୟ କରି ତାଙ୍କୁ ଅପରାଧ ଆଡ଼କୁ ଠେଲି ଦେଇପାରେ। ସାମାନ୍ୟ କିଛି ଟଙ୍କା ପାଇଁ ଯଦି ଜଣେ ବ୍ୟକ୍ତି ବନ୍ଧୁକ ଧରି ଅନ୍ୟର ଜୀବନକୁ ବିପଦରେ ପକାଇବାକୁ ପ୍ରସ୍ତୁତ ହୋଇଯାଉଛନ୍ତି, ତେବେ ଏହା ନିଶାର ଭୟାବହ ପ୍ରଭାବକୁ ସ୍ପଷ୍ଟ କରୁଛି । ତେଣୁ ପରିବାର, ସମାଜ ଓ ପ୍ରଶାସନ ସମସ୍ତଙ୍କୁ ମିଳି ନିଶାମୁକ୍ତ ସମାଜ ଗଠନ ଦିଗରେ ଅଧିକ ସଚେତନତା ଓ ପଦକ୍ଷେପ ନେବା ସମୟର ଆବଶ୍ୟକତା।

ପୋଲିସ ସନ୍ତ୍ରାସକୁ ଏସୟୁସିଆଇ ପକ୍ଷରୁ ଦୃଢ଼ ନିନ୍ଦା

ବଲାଙ୍ଗୀର,୨୩।୭ : ଲୋୟର ସୁକତେଲ ଅଞ୍ଚଳରେ ବିସ୍ଥାପିତ ହେବାକୁ ଥିବା କୁମିଆପାଲି ଗ୍ରାମର ଲୋକଙ୍କ ଦାବୀକୁ ପ୍ରଶାସନ ସହୃଦୟତା ସହ ପୂରଣ କରିବା ଉଚିତ କ୍ଷତିପୂରଣ ଦେବା ଓ ଥଇଥାନ କରିବା ପରିବର୍ତ୍ତେ ରାତିଅଧିଆ ପୋଲିସ ଆତଙ୍କରାଜ ସୃଷ୍ଟି କରି ୭ ଜଣ ଲୋକଙ୍କୁ ବଳପୂର୍ବକ ଉଠେଇ ନେବାକୁ ଏସୟୁସିଆଇ (କମ୍ୟୁନିଷ୍ଟ) ବଲାଙ୍ଗିର ଜିଲ୍ଲା କମିଟି ପକ୍ଷରୁ ଦୃଢ଼ ନିନ୍ଦା କରାଯାଉଛି । ପୋଲିସ ପ୍ରଶାସନ ଗ୍ରାମବାସୀଙ୍କ ସହିତ ମୁକାବିଲାମୂଳକ ମନୋଭାବ ପରିହାର କରି ଲୋକଙ୍କ ଦାବୀକୁ ମାନିନେବା ଓ ପୋଲିସ ଆତଙ୍କରାଜ ବନ୍ଦ କରିବା ପାଇଁ ଦଳ ପକ୍ଷରୁ ଦୃଢ଼ ଦାବୀ କରାଯାଇ ଏକ ପ୍ରେସ ବିବୃତ୍ତି ଜାରୀ କରାଯାଇଛି । ଆଜି ଦଳର ଜିଲ୍ଲା ସମ୍ପାଦକ ସୁନୀଲ କୁମାର ଭୋଇ ଓ ଏଆଇଡ଼ିଏସଓ ଜିଲ୍ଲା ସଭାପତି ମଧୁସୂଦନ ବାଗଙ୍କ ନେତୃତ୍ୱରେ ଏକ ଟିମ କୁମିଆପାଲି ଗ୍ରାମ ଗସ୍ତ କରି ବିସ୍ଥାପିତ ଲୋକମାନଙ୍କୁ ଭେଟିଛନ୍ତି ଏବଂ ସମସ୍ୟାର ସ୍ଥାୟୀ ସମାଧାନ ପର୍ଯ୍ୟନ୍ତ ଆନ୍ଦୋଳନ ଚଳେଇ ରଖିବାକୁ ଆହ୍ୱାନ ଦେଇଛନ୍ତି ।

ଅବହେଳିତ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଗୁମ୍ଫା ଡ୍ୟାମ୍

- ଜିଲ୍ଲା ତଥା ଜିଲ୍ଲା ବାହାରରୁ ଆସୁଛନ୍ତି ପର୍ଯ୍ୟଟକ
- ଛତରଦାଣ୍ଡି ଜଙ୍ଗଲ ପାଦଦେଶରେ ରହିଛି ଝରଣା
- ପର୍ଯ୍ୟଟନସ୍ଥଳୀର ମାନ୍ୟତା କେବେ ?



ବଙ୍ଗୋମୁଣ୍ଡା,୨୩।୭ : ବଲାଙ୍ଗିର ଜିଲ୍ଲା କଂଟାବାଞ୍ଜି ବିଧାନସଭା କ୍ଷେତ୍ର ବଙ୍ଗୋମୁଣ୍ଡା ବ୍ଲକ ଉପାନ୍ତ ଇଲାକା ରେ ଥିବା ଯୁରାବନ୍ଧ ପଂଚାୟତ ଛତରଙ୍ଗ ଗ୍ରାମ ର ଗୁମ୍ଫାଡ୍ୟାମ୍ ଦୀର୍ଘ ୪୧ ବର୍ଷ ରୁ ୧୯୭୨ ମସିହା ରେ ଏହି ଡ୍ୟାମ୍ ର ନିର୍ମାଣ ଆରମ୍ଭ ହୋଇ ୧୯୮୫ ମସିହା ରେ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ବର୍ତ୍ତମାନ ଏହି ଗୁମ୍ଫା ଡ୍ୟାମ୍ ସଂପୂର୍ଣ୍ଣ ଅବହେଳିତ ସଂପର୍କ ରେ ସ୍ୱତନ୍ତ୍ର ଉପସ୍ଥାପନା..........

ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ କାର୍ଯ୍ୟାଳୟ ଠାରୁ ପଶ୍ଚିମ ଦିଗ କୁ ୧୫ କିଲୋମିଟର ଯିବା କୁ ହେଲେ ବ୍ଲକ ର ସୀମାନ୍ତ ରେ ଥିବା ଯୁରାବନ୍ଧ ପଂଚାୟତ ପଡେ । ଯୁରାବନ୍ଧ ପଂଚାୟତ ର ଛତରଙ୍ଗ ଗ୍ରାମ । ଏହି ଗ୍ରାମ ର ପାହାଡ ପାଦ ଦେଶରେ ୧୯୭୨ ମସିହା ରେ ଅଂଚଳ ର ଲୋକ ମାନଙ୍କ ପାଇଁ ଗୁମ୍ଫା ଡ୍ୟାମ୍ ନାମ ରେ ନାମିତ ହୋଇ ଏହି ଡ୍ୟାମ୍ ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ୧୯୮୫ ମସିହା ରେ ଏହା ର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା । ଏହି ପ୍ରକଳ୍ପ ପାଇଁ ସେ ସମୟ ରେ ସେଠାରେ ଅଫିସ ଗୃହ ସହ ସୁରକ୍ଷା କର୍ମୀ ମଧ୍ୟ ନିୟୋଜିତ ଥିଲେ କିନ୍ତୁ ଦୀର୍ଘ ପ୍ରାୟ ୪୧ ବର୍ଷ ପରେ ବଲାଙ୍ଗିର ଜିଲ୍ଲା ର ଏହି ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଗୁମ୍ଫା ଡ୍ୟାମ୍ ବର୍ତ୍ତମାନ ଅବହେଳିତ ଅବସ୍ଥା ରେ ପଡିରହିଛି । ଅଫିସ ଗୃହ ଭଙ୍ଗା ଦଦରା ହୋଇ ସାରିଲାଣି,ଡ୍ୟାମ୍ ର ପାଣି ନିଷ୍କାସନ ପାଇଁ ଥିଲା ପମ୍ପ ମଧ୍ୟ ସଂପୂର୍ଣ୍ଣ ଅଚଳ ହୋଇପଡିଛି । ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ରୁ ବହୁ ଦୂରରେ ଏହି ଗୁମ୍ଫା ଡ୍ୟାମ୍ । ରାଜନେତା ଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ପ୍ରଶାସନିକ ଅଧିକାରୀ ସମସ୍ତଙ୍କୁ ଦୃଷ୍ଟି ଆକର୍ଷଣ କରି କରି ଅଂଚଳ ରେ ଲୋକେ ନୟାନ୍ତ ହୋଇ ସାରିଛନ୍ତି । କିନ୍ତୁ କାହାରି ଦୃଷ୍ଟି ପଡୁନାହିଁ କିଏ ଡ୍ୟାମ୍ କୁ ପର୍ଯ୍ୟଟନସ୍ଥଳୀ ର ମାନ୍ୟତା ଦେବା ପାଇଁ ଲଢେଇ କରିବାର ମନୋବଳ ନାହିଁ। ଏହି ଡ୍ୟାମ୍ ର ଚତୁର୍ପାର୍ଶ୍ୱ ରେ ପାହାଡ ଘେର ରେ ଏକ ଅତ୍ୟନ୍ତ ମନୋରମ ସୌନ୍ଦର୍ଯ୍ୟ ପରିବେଶ ରହିଛି । ଏଠାକୁ ପ୍ରାୟତଃ ସମୟ ରେ ଶହ ଶହ ସଂଖ୍ୟା ରେ ଲୋକେ ଏଠାକୁ ଏହି ଡ୍ୟାମ୍ ର ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ଆସିଥାନ୍ତି ଓ ଭୋଜି ଭାତର ଆସର ମଧ୍ୟ ଜମିଥାଏ । ଏହି ଛତରଦାଣ୍ଡି ଜଙ୍ଗଲ ର ପାହାଡ ପାଦଦେଶ ରେ ଥିବା ଚାମସିଲେଟ୍ ନାମରେ ପ୍ରତିଷ୍ଠିତ ଏକ ଝରଣା ବହି ଆସୁଛି । ଏହି ଝରଣା ଦେଖିବାକୁ ଅତ୍ୟନ୍ତ ମନ ମୁଗ୍ଧକର,ପାହାଡ ଜଙ୍ଗଲ ଭରା ଏହି ଡ୍ୟାମ୍ ର ସୌନ୍ଦର୍ଯ୍ୟ ବଖାଣିଲେ ସରିବନି । ବଲାଙ୍ଗିର ଜିଲ୍ଲା ର ଶେଷ ସୀମା ରେ ଥିବା ଏଭଳି ଏକ ସୌନ୍ଦର୍ଯ୍ୟ ମନୋରମ ପୂର୍ଣ୍ଣ ଗୁମ୍ଫା ଡ୍ୟାମ୍ ଛତରଙ୍ଗ ଗ୍ରାମ ର ପ୍ରଶାସନ ର ନଜର ଅଢୁଆଳରେ ରହିଯାଇଛି । କିନ୍ତୁ ବର୍ତ୍ତମାନ ଏହି ଡ୍ୟାମ୍ କୁ ମାନ୍ୟତା ଦେବାକୁ ଅଂଚଳ ବାସୀ ଆଗେଇ ଆସିବାକୁ ପ୍ରସ୍ତୁତି ଚଳେଇବା ଆରମ୍ଭ କରିବେ ବୋଲି ଜଣାଇଛନ୍ତି । ଗ୍ରାମ ର ମୁନସୀରାମ ପହରିଆ ଡ୍ୟାମ୍ ନିକଟରେ ଏକ ଚାଳ ଛପର ଘରେ ଶିବ ମନ୍ଦିର ର ମାନ୍ୟତା ଦେଇ ଦୀର୍ଘ ୪୧ ବର୍ଷ ରୁ ପୂଜା କରି ଆସୁଛନ୍ତି କିନ୍ତୁ ନୂତନ ମନ୍ଦିର ର ଆଶ୍ୱସନା ଖାଲି ମିଳିଛି ନେତା ମାନଙ୍କ ଠାରୁ । ଏହି ଡ୍ୟାମ୍ ଦ୍ୱାରା ଯୁରାବନ୍ଧ ପଂଚାୟତ ର ଛତରଙ୍ଗ,ଜାମପଡା,ପହରିଆପଡା, ତାଲଚକେଲ ଗାଁ ର ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ଚାଷୀ ହାରାହାରି ୨୦୦ ଏକର ରେ ଧାନ ଚାଷ କରି ଉପକୃତ ମଧ୍ୟ ହେଉଛନ୍ତି। କିନ୍ତୁ ବର୍ତ୍ତମାନ ଏହି ଡ୍ୟାମ୍ ମାଟି ପୋତି ହେବାକୁ ବସିଲାଣି । ଦୀର୍ଘ ୪୧ ବର୍ଷ ହେଲାଣି ନା ପଙ୍କୋଦ୍ଧାର ହୋଇଛି ନା ଉନ୍ନତି କରଣ । ଏହି ଅବହେଳିତ ଡ୍ୟାମ୍ ର ପୁନରୁଦ୍ଧାର ସହ ଏକ ନୂତନ ମନ୍ଦିର ନିର୍ମାଣ,ସ୍ୱିମିଂ ପୁଲ,ପାର୍କ ଆଦି ର ବ୍ୟବସ୍ଥା ହେଲେ ଏହି ଡ୍ୟାମ୍ ରାଜ୍ୟସ୍ତରରେ ଏକ ପର୍ଯ୍ୟଟନସ୍ଥଳୀ ର ମାନ୍ୟତା ପାଇବା ସହ ବଲାଙ୍ଗିର ଜିଲ୍ଲା ରେ ଏଭଳି ଏକ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଡ୍ୟାମ୍ ଲୋକ ଲୋଚନ କୁ ଆସି ପାରିବ ଏବଂ ଏଠାରେ ପର୍ଯ୍ୟଟନ ଙ୍କ ଭିଡ ଲାଗି ରହିବା ସହ ସରକାର ମଧ୍ୟ ଏଠାରୁ ବହୁ ମାତ୍ରା ରେ ରାଜସ୍ୱ ପାଇପାରିବେ ବୋଲି ଅଂଚଳବାସୀ ଜଣାଇଛନ୍ତି । ଅଂଚଳବାସୀ ଏହି ଡ୍ୟାମ୍ ର ପୁନରୁଦ୍ଧାର ସହ ପର୍ଯ୍ୟଟନସ୍ଥଳୀ ର ମାନ୍ୟତା ପାଇଁ ଦାବି କରିଛନ୍ତି ।

ଛତରଙ୍ଗ ଡ୍ୟାମ୍ ର ଉନ୍ନତିକରଣ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପର୍ଯ୍ୟଟନ ମନ୍ତ୍ରୀ ଙ୍କୁ ଦୃଷ୍ଟି ଆକର୍ଷଣ କରିବା ସହ ବିଧାନସଭା ରେ ମଧ୍ୟ ପ୍ରଶ୍ନ ଉଠାଇ ଏହି ଡ୍ୟାମ୍ ର ବିକାଶ ପାଇଁ ସବୁ ବେଳେ ଚେଷ୍ଟା ଜାରି ରଖିଛି ।

-ଲକ୍ଷ୍ମଣ ବାଗ,ବିଧାୟକ କଣ୍ଟାବାଞ୍ଜି ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ

ଶହ ଶହ ସଂଖ୍ୟା ରେ ଦୈନିକ ପର୍ଯ୍ୟଟକ ମାନେ ଏଠାକୁ ଆସିଥାନ୍ତି କିନ୍ତୁ ଭଲ ରାସ୍ତା ଟିଏ କି ମନ୍ଦିର ଟିଏ ନାହିଁ । ଜିଲ୍ଲା ର ଆମ ଗାଁ ରେ ଏଭଳି ଏକ ଡ୍ୟାମ୍ ଥିବାରୁ ଆମେ ଗର୍ବ ଅନୁଭବ କରୁ କିନ୍ତୁ ଏହି ଡ୍ୟାମ୍ କୁ ପର୍ଯ୍ୟଟନ ସ୍ଥଳୀ ର ମାନ୍ୟତା ସରକାର ଦେଲେ ଏହି ଡ୍ୟାମ୍ ଏକ ପ୍ରତିଷ୍ଠିତ ଅଂଚଳ ହୋଇପାରିବ । ନେତା ମାନେ ମଧ୍ୟ ଏଠାକୁ ଆସି ଆମକୁ କେବଳ ଆଶ୍ୱସନା ହିଁ ମିଳେ ।

-ଯୁଗଳ କିଶୋର ପହରିଆ,ସ୍ଥାନୀୟ ବାସିନ୍ଦା

ଜିଲ୍ଲାର ଅନେକ ସ୍ଥାନ ବୁଲି ଦେଖିଛୁ ହେଲେ ସେଠାରେ କୌଣସି ପ୍ରକାର ଝରଣା ନାହିଁ । କିନ୍ତୁ ଛତରଙ୍ଗ ଗାଁରେ ଥିବା ଗୁମ୍ଫା ଡ୍ୟାମ୍ ର ଝରଣା ରେ ଗାଧୋଇବା ସହ ବୁଲାବୁଲି କରି ନିଜ କୁ ବହୁତ ଆନନ୍ଦ ମିଳିଥାଏ । ଝରଣା କୁ ଯିବା ପାଇଁ ଭଲ ରାସ୍ତା ଟିଏ ନିର୍ମାଣ କଲେ ଆହୁରି ପର୍ଯ୍ୟଟକ ଆସନ୍ତେ ।

-ପୃଥ୍ୱିରାଜ ବାଗ, ପର୍ଯ୍ୟଟକ

ଆମେ ବିଭିନ୍ନ ସମୟ ରେ ବିଭାଗୀୟ ମନ୍ତ୍ରୀ,ବିଧାୟକ ଓ ପ୍ରଶାସନିକ ଅଧିକାରୀ ମାନଙ୍କୁ ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ପକ୍ଷରୁ ଲିଖିତ ଅଭିଯୋଗ କରିଛୁ ।ଯଦି ଏହି ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ସ୍ଥାନ କୁ ପର୍ଯ୍ୟଟନସ୍ଥଳୀ ର ମାନ୍ୟତା ଯଦି ମିଳେ ପର୍ଯ୍ୟଟକ ମାନେ ଉପକୃତ ହେବା ସହ ବିଭିନ୍ନ ବ୍ୟବସାୟୀ ମାନେ ଦୋକାନ ଖୋଲି ରୋଜଗାର କରି ପାରିବେ ବୋଲି ଆଶା କରିଛୁ ।

-ହୁଲେଶ୍ୱର ହଂସ, ସମ୍ପାଦକ, ବ୍ଲକ ସାମ୍ବାଦିକ ସଂଘ ବଙ୍ଗୋମୁଣ୍ଡା

ବଙ୍ଗୋମୁଣ୍ଡା ବ୍ଲକ ଛତରଙ୍ଗ ଡ୍ୟାମ୍ ର ଅବହେଳିତ ସଂପର୍କ ରେ ଆପଣ ଙ୍କ ଠାରୁ ମୁଁ ଖବର ଜାଣିପାରିଲି । ସେ ବିଷୟ ରେ ବିଭିନ୍ନ ବିଭାଗ ର ଅଧିକାରୀ ମାନଙ୍କ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନିଆଯିବା ସହ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଁ ସରକାର ଙ୍କୁ ଦୃଷ୍ଟି ଆକର୍ଷଣ କରାଯିବ ।

-ଗୌରବ ଶିବାଜୀ ଇସଲଓ୍ୱାର, ଜିଲ୍ଲାପାଳ, ବଲାଙ୍ଗୀର

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 I Email : pratishabda7@gmail.com I Website : www.pratishabda.com

Editor : Ipsita Pati   Executive Editor : Satyajit Mohapatra   Managing Editor : Jitendra Ku. Pati